
# ହସଖୁସି

କାନନ ମିଶ୍ର





# ହସଖୁସି

(ଶିଶୁ କବିତା ସଂକଳନ)

କାନନ ମିଶ୍ର

ସମର୍ଥା ପବ୍ଲିକେଶନ୍
ଭୁବନେଶ୍ୱର - ୧୪

**ହସଖୁସି**
(ଶିଶୁ କବିତା ସଂକଳନ)

**HASAKHUSI**
(Poems for Children)

ଲେଖିକା :
**କାନନ ମିଶ୍ର**

Author :
**Kanan Mishra**

ପ୍ରଥମ ପ୍ରକାଶ :
ବୁଦ୍ଧପୂର୍ଣ୍ଣିମା, ୨୦୦୮

First Edition :
Buddha Purnima, 2008

ପ୍ରକାଶକ :
**ସମର୍ଥା ପବ୍ଲିକେଶନ୍**
**୨୦, ଲୁଇସ୍ ରୋଡ୍, ଫାଷ୍ଟ୍ ଲେନ୍**
**ରବି ଟକିଜ୍ ସ୍କୋୟାର, ଭୁବନେଶ୍ୱର - ୧୪**
**ଫୋନ୍ : ୨୪୩୧୮୧୯**

Published by :
**SAMARTHA PUBLICATION**
20, Lewis Road, First Lane
Ravi Talkies Square, Bhubaneswar - 14
Ph. : 2431819

ଅକ୍ଷର ବିନ୍ୟାସ ଓ ମୁଦ୍ରଣ :
**ଶ୍ରଦ୍ଧାଞ୍ଜଳି**
ରାମେଶ୍ୱର ପାଟଣା, ଭୁବନେଶ୍ୱର

Page Layout & Printed at
**Shradhanjali**
Rameswarpatana,
Bhubaneswar

ମୂଲ୍ୟ : ଟ ୩୦/-

Price : Rs. 30/-

# ଉତ୍ସର୍ଗ

ଅଧ୍ୟାପକ ଡକ୍ଟର ଅଭିନ୍ନ ସାହୁ
ଶ୍ରଦ୍ଧାସ୍ପଦେଷୁ

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ବରଷା ହୁଅଇ କେମିତି | ୧ |
| ୨. | ପିଜୁଳି କଥା | ୨ |
| ୩. | ପାଦ | ୩ |
| ୪. | ଫୁଲଟିଏ ହୋଇ ଫୁଟିବି | ୪ |
| ୫. | ପାଠ ମୁଁ ପଢ଼ିବି ଓଡ଼ିଆ | ୫ |
| ୬. | ଗଛ ଇଏ ଆନପାଇଁକି | ୬ |
| ୭. | ମାଟି | ୮ |
| ୮. | ଅନ୍ଧ ବିଶ୍ୱାସ | ୯ |
| ୯. | କଲମ | ୧୦ |
| ୧୦. | ଗୋଲାପ | ୧୧ |
| ୧୧. | ଦୁବଘାସ | ୧୨ |
| ୧୨. | ଶ - ଷ - ସ | ୧୩ |
| ୧୩. | ବାରମାସେ ତେର ପରବ | ୧୪ |
| ୧୪. | ଜନ୍ମଭୂମି | ୧୫ |
| ୧୫. | ଜହ୍ନ ଓ ଫୁଲ | ୧୬ |
| ୧୬. | ବଗୁଲା ଓ କଙ୍କଡ଼ା | ୧୭ |
| ୧୭. | କାହାକୁ କିଏ | ୧୮ |
| ୧୮. | ଖେଳ | ୧୯ |
| ୧୯. | ଗଣେଶ ପୂଜା | ୨୦ |
| ୨୦. | ଖାଇବ ଧୋଇକି ହାତ | ୨୧ |
| ୨୧. | ସରସ୍ୱତୀ ପୂଜା | ୨୨ |
| ୨୨. | ନୂଆ ବରଷ | ୨୩ |
| ୨୩. | ନଈରେ ନଈ | ୨୪ |
| ୨୪. | ଟିମ୍‌ଟିମାଟିମ୍ ତାରା | ୨୫ |
| ୨୫. | ଇନ୍ଦ୍ରଧନୁ | ୨୬ |
| ୨୬. | ଭାଷା | ୨୭ |
| ୨୭ | ବାଈ ଚଢ଼େଇ | ୨୮ |
| ୨୮. | ମଣିଷର ଜାତି ଗୋଟିଏ | ୨୯ |
| ୨୯. | ପରଜାପତି | ୩୦ |
| ୩୦. | ଫଳଙ୍କ ଭିତରେ ରଜା | ୩୧ |
| ୩୧. | ଘୁମୁରେ ପାରା | ୩୨ |
| ୩୨. | ବାହନ | ୩୩ |
| ୩୩. | କିଏ କେମିତି | ୩୪ |
| ୩୪. | ଟୁପୁଟୁପୁ ମୁହିଁ ବରଷା | ୩୫ |
| ୩୫. | ବର | ୩୬ |
| ୩୬. | ଉତ୍କଳ ଦିବସ | ୩୭ |
| ୩୭. | ଆଳୁ ବାଇଗଣ | ୩୮ |
| ୩୮. | ଅରୁଆ ଚାଉଳ କ୍ଷୀରୀକି | ୪୦ |
| ୩୯. | ସାଗର ତୀରେ | ୪୧ |
| ୪୦. | ଆମ ଗାଁ’ | ୪୨ |
| ୪୧. | ଅନାବନା ଗୀତ | ୪୩ |
| ୪୨. | କାହ୍ନୁପାଇଁ ଗୀତ | ୪୪ |
| ୪୩. | ଅକଲ ମକଲ ଟକଲ ଟିଆଁ | ୪୫ |
| ୪୪. | ଖେଳିବା ଦୋଳି | ୪୬ |
| ୪୫. | ତରାଟ କହିଲା ଟଗର | ୪୭ |
| ୪୬. | ଙ୍କ ଙ୍ଖ ଙ୍ଗ ଙ୍ଘ | ୪୮ |
| ୪୭. | ଶୁଣରେ ଭାଇ | ୪୯ |
| ୪୮. | ଘୋଡା ନେ’, ହାତୀ ନେ’ | ୫୦ |
| ୪୯. | ଝୁଲ୍ ହାତୀ ଝୁଲ୍‌ରେ | ୫୧ |
| ୫୦. | ଛୁଟିଦିନ | ୫୨ |

# ବରଷା ହୁଅଇ କେମିତି



ଟୁପୁରୁ ଟୁପୁରୁ ପାଣି ପଡୁଥିଲା ଆଷାଢ଼ ମାସ
ଆଖି ମେଲୁଥିଲେ ସବୁଜ ରଙ୍ଗର କଅଁଳ ଘାସ
ପିଣ୍ଡାରେ ବସିକି କହ୍ନେଇ
କଳାବଉଦର ଖେଳ ଦେଖୁଥିଲା
ନୀଳ ଆକାଶକୁ ଅନେଇଁ ।

ଜେଜେ ପଚାରିଲେ 'ଦେଖୁଚୁ ବରଷା ବହନ୍ତାସୁଅ
ଆକାଶେ ଏତିକି ପାଣି ଜମାହୁଏ କେମିତି କୁହ'
କହ୍ନେଇ ହଲାଏ ମଥାକୁ
ଜେଜେ କହିଥାନ୍ତି ନାତିକୁ ବୁଝାଇ
ବରଷା ଗୁପତ କଥାକୁ ।

'ନଈ, ନାଳ, ଚୂଆ, ପୋଖରୀ ଭରତି ଯେତେକ ପାଣି
ସୂରୁଜ ତହିଁରୁ ବାମ୍ଫ କରି କିଛି ନିଅଇ ଟାଣି
ଗିରୀଷମ ଟାଣ ଖରାରେ
ଉଡିଉଡିଯାଏ ଗଭୀର ସାଗର
ପାଣି, ଯାହା ଅଛି ଧରାରେ ।

ଟୋପି ଟୋପି ସେଇ ଜଳକଣା ଯେବେ ଯାଅଇ ମିଶି
ମେଘମାଳା ରୂପେ ଦୂରରୁ ଆମକୁ ଯାଅଇ ଦିଶି
ସେଇ ମେଘ ହେଲେ ଶୀତଳ
ବରଷା ହେଇକି ନିଗିଡି ପଡଇ
ସରସ କରିକି ଭୂତଳ ।



କହ୍ନେଇ କହଇ 'ଭାରି ମଉଜିଆ କାହାଣୀ ଏ ଯେ
ଏଇଭଳି କଥା ଶିଖାଇବ ମତେ ନିଇତି ଜେଜେ
ଗଲେ କାଲି ପାଠଶାଳାକୁ
ବାହା ବାହା ନେବି କହି ଏ କାହାଣୀ
କୁନୁ, ମୁନୁ ଆଉ ମାଳାକୁ ।'

॥

# ପିଜୁଳି କଥା

ବାପା ଆଣିଥିଲେ ବାଲିଯାତରାରୁ କିଣି
ଗହଳ ଗଛଟି ମନ ନେଇଥିଲା ଜିଣି
ଫଳ ଫଳିଥିଲା ତହିଁରେ ସତେବା କୋଳି
ବାପା କହିଥିଲେ କଲମି ପିଜୁଳି ବୋଲି
ବରଷକେ କାଳେ ଗଛରେ ଲାଗିବ ଫଳ
ବାରିରେ ରୋପିକି ଢାଳିଲି ତହିଁରେ ଜଳ ।

ସମୟ ବିତିଲା, ବିତିଲା ବରଷ ମାସ
ମଳା କରି ତାର ମୂଳରୁ ବାଛିଲି ଘାସ
ଦେଖୁ ଦେଖୁ କୁନି ଗଛରେ ଧରିଲା କଷି
ସବୁଜ ଗଛଟି କୁରୁଳି ଉଠିଲା ହସି ।





କେଇଟା ଦିନରେ ପାଚିଲା ପିଜୁଳି ଯାକ
ଦେଖିକି ବୋଉକୁ ପକାଇ ଲାଗିଲି ଡାକ
ବୋଉ କହିଥିଲା 'ଖାଇବାକୁ ଯଦି ମନ
ଭାଇ ସାଥେ ମିଶି ତୋଳିକି ଖାଆ ମୋ ଧନ'

ଫଳ ତୋଳିବାକୁ ଯାଉଥିଲି ଯେବେ ଧାଇଁ
ଅଟକାଇ ମତେ ବୁଝାଇ କହିଲେ ଆଈ
ପିଜୁଳି ତୋଳିକି ତୁ' ଖାଆ, ଭାଇ ଖାଉ
ଯୋଡିଏ ପିଜୁଳି ଗଛ ଡାଳେ କିନ୍ତୁ ଥାଉ
ଯେହେତୁ ପକ୍ଷୀଙ୍କ ଆହାର ଅଟଇ ଫଳ
ବିନା ଫଳ ସେ କି ହେବେନାଇଁ କଲବଲ ?

ଆଈଙ୍କ କଥାଟି ଏବେ ବି ପଡଇ ମନେ
ଫଳଗଛଟିଏ ଦେଖେ ଯେବେ ଉପବନେ ।
॥

# ପାଦ



କହ୍ନେଇ କାନ୍ଦେ
ଛିଣ୍ଡା ଚପଲକୁ ସୂତୁଲି ଲଗାଇ ଯେବେ ସେ ବାନ୍ଧେ
କହିଥାଏ 'ଶୁଣ ମାଆଗୋ
ନୂଆ ଜୋତା ମୋଜା ଆଣିଦିଅ ମତେ
ଏବେଇ ବଜାର ଯାଆଗୋ ।'

ଲୁଚିଲୁଚି ମାଆ ଢ଼ାଳନ୍ତି ଲୁହ
ଗରିବପଣିଆ ବୁଝିପାରେ ନାହିଁ ବାଳୁତ ପୁଅ
କାହୁଁ ସେ ଆଣିବେ କଉଡି
ନିରିଧନ ବୋଲି ଉଧାର ମାଗିଲେ
ସଭିଏଁ ଦିଅନ୍ତି ଘଉଡି ।

ହଠାତ୍ ଦିନଟେ କହ୍ନେଇ ଦେଖେ



ଆଶାବାଡି ଧରି ଦୁଃଖୀଲୋକଟିଏ ଗୋଡକୁଟେକେ
ଦେଉଳ ପାଖର ଛକରେ
ପାଦ ନାହିଁ ତାର, ପଚାରି ବୁଝିଲା
କଟିଛି ଗାଡିର ଚକରେ ।

ମାଆଙ୍କ ପାଖକୁ ଆସିକି ଧାଇଁ
କାହ୍ନୁ କହେ 'ଆଳ କରିବିନି ଆଉ ଚପଲ ପାଇଁ
ଦେଇଛନ୍ତି ଦିଅଁ ବହୁତ
ସଚଳ ହେଇକି ଚରଣ ଦୁଇ ମୋ
ଚିରଦିନ ଲାଗି ରହୁତ' ।
॥

# ଫୁଲଟିଏ ହୋଇ ଫୁଟିବି



ଫୁଲଟିଏ ହୋଇ ଫୁଟିବି
ରେଣୁ ରେଣୁ ମୋର ବାସନା ବିତରି
କୋଟି ଜନମନ ଲୁଟିବି ।
ଗଜରା ହାରରେ ପଶିକି
ବଡ ଦେଉଳର ରତନବେଦୀରେ
ଚଢ଼ିବି ମୁଁ ହସିହସିକି ।
ସକାଳ ଧୋଇବ ଶିଶିରେ
କବିତା ଲେଖିବ କବି କେ ନିରେଖି
ରୂପ ମୋ ପୂନେଇଁ ନିଶିରେ ।
ଭଅଁର କରିବ ଆଳାପ
କିଏ ଡାକୁଥିବ ମୁଚୁକୁନ୍ଦ ଅବା
କିଏ ସେ ଡାକିବ ଗୋଲାପ ।
ଘନ ବରଷାର ତିଥିରେ
କଦମ୍ବ ହୋଇକି ଫୁଟିବି, ନେବି ମୁଁ
ସବୁରି ପରାଣ ଜିତିରେ ।



ବଇଶାଖେ ହେବି ମଲ୍ଲିକା
ଖେଳ ଖେଳୁଥିବି ପାହାନ୍ତି ପହର
ପବନରେ ଢ଼ଳିଢ଼ଳିକା ।
ସେବତୀ ହେବି ମୁଁ ଶୀତରେ
ରଂଗ ଝିଲିମିଲି ପ୍ରଜାପତି ଆସି
ସାଥିରେ ବସିବ ମିତ ରେ ।
ଭଳି ଭଳି ରୂପ ଧରିକି
ଧୂସର ମାଟିରେ ସରଜିବି ମୁହିଁ
ସୁନ୍ଦର ସରଗପୁରୀକି ।
ଫୁଲଟିଏ ହୋଇ ଫୁଟିବି
ଓଳିକ ପାଇଁକି ହେଲେବି ଆପଣା
ରେଣୁ ରେଣୁ ବାସ ବା ିବି ।
॥

# ପାଠ ମୁଁ ପଢ଼ିବି ଓଡ଼ିଆ





ଦୋଳଛୁଟି ବେଳେ ଅଜା ଆସିଥିଲେ
ବୁଲିବାପାଇଁକି କଟକ
ଦୂରୁ ଦେଖି ତାଙ୍କୁ ଖୁସିରେ କୁରୁଳି
ରାଜା ଖୋଲିଦେଲା ଫାଟକ
'କହିଲା ଜାଣିଥା ଅଜାହେ
ପୂରା ଦଶଦିନ ରହିବ ଏଥର
ମିଶିକି କରିବା ମଜା ହେ ।'
ଅଜାଙ୍କ ସାଥିରେ ବଜାର ବୁଲିଲା
ଝୁଲିଥିଲା ରାଜା ଦୋଳିରେ
ଅଜା କିଣିଦେଲେ ପେଏଁକାଳି ଆଉ
ମିଠା ମିଠା ଲିଚୁକୋଳି ରେ
ଛୁଟି ସରିଗଲା ବେଇଗି
ଅଜା ବାହାରିଲେ ଗାଆଁକୁ ହାତରେ
ଝୁଲାମୁଣି ତାଙ୍କ ନେଇକି ।
ଯିବା ଆଗୁ ରାଜା ମଥାକୁ ଆଉଁଷି
କହିଥିଲେ ଅଜା ହସିକି
'ଚିଠି ଦେବୁ ବାବୁ, ଡାକବାଲା ବାଟ
ଚାହିଁଥିବି ଦାଣ୍ଡେ ବସିକି'
ଠକ ଠକ କରି କଠାଉ
ଅଜା ଚାଲିଗଲେ, ରାଜା ଭାଳେ ବସି
କେମିତି ଲେଖିବ ଚିଟାଉ ।
ଓଡ଼ିଆ ଜାଣେନି, ପିଲାଦିନୁ ସେ ଯେ
ଏ.ବି.ସି.ଡ଼ି ପାଠ ପଢ଼ିଛି
ବିଦେଶୀ ଭାଷାକୁ ଶିଖିବା ମୋହରେ
ଆପଣା ଭାଷାକୁ ଛାଡ଼ିଛି
କେମିତି କହିବ ଅଜାଙ୍କୁ
ଅ ଆ କ ଖ ଲେଖିବା ପଢ଼ିବା
ଏଯାଏ ଆସେନି ରାଜାକୁ ।
ଭାଳିଭାଳି ଶେଷେ ଉପାୟ ଖୋଜିକି
ରାଜା କହେ ଯାଇ 'ମାଆଗୋ
କଥାଟିଏ ଆଜି କହିବି ତୁମକୁ
ସତେକି ରଖିବ ତାହା ଗୋ ।
ପଢ଼େଇ ଦେବକି ଓଡ଼ିଆ ?
ମାଆ କହିଥାନ୍ତି ଧନମାଳି ମୋର
ବିଚାର କରିଛୁ ବଢ଼ିଆ ।
॥



# ଗଛ ଇଏ ଆନପାଇଁକି

ସାଙ୍ଗସାଥିଙ୍କର ମେଳରେ
କାଲି ମୁହଁସଂଜ ବେଳରେ
ବୁଲୁଥିଲି ଯେବେ ବାଟରେ
ଗାଆଁ ମୁଣ୍ଡ ନଇ ଘାଟରେ
ଦେଖିଲି ଗୋଟିଏ ମଣିଷ
ପୋତୁଛି ଗଛ ସେ ପଣସ
ଲୋକଟିକୁ ହବ ଷାଠିଏ
କହିଲା ‘ପୁଅରେ ମାଟି ଏ
ଜାତିରେ ଅଟଇ ଦୋରସା
ଋତୁ ପୁଣି ଏବେ ବରଷା ।





ଚାରା ଯିବ ଇଏ ବ୍‌ରେ
କୁଆଁ ମେଲିଦବ ଅଚିରେ ।’
ହସିକି କହିଲି ‘ମଉସା
ଭୁଲିକି ଆପଣା ବେଉସା
କାହିଁକି ଲାଗିଚ ଏଥିରେ
ଲାଭ କଥା ଭୁଲି କ୍ଷତିରେ
ଫଳ କେବେ ଗଛେ ଫଳିବ
ତାକୁ ବିକି ତମେ ଚଳିବ
ଦେଖୁଚ କି ସେଇ ସପନ
ପାରିତ ହେଲଣି ଛପନ


କେତେ ବା ବରଷ ବ ିବ
ଫଳ ଯେବେ ଗଛେ ପାଚିବ
ହୁଏତ ନଥିବ ତୁମେଇ
ପଡିଥିବ ପୂରା ଘୁମେଇ ।'
ଲୋକଟି କହିଲା 'ବାବୁରେ
କଥା ତୋ ଶୁଣିଲି ସବୁରେ
ଯେଉଁ ଫଳ ଏବେ ତୋଳିକି
ଖାଉଚୁ ତୁ, ମାଟି ଖୋଳିକି
ପୋତିଥିଲା କିଏ ଜଣେରେ
କେବେ ଦିନେ ବାରିକଣେ ରେ
ଆଗକଥା ମନେ ଭାବିକି
ସାର ଢ଼ାଳି, ମାଟି ଦାବିକି ।





ସେଲାଗି ପୋତୁଛି ଗଛକୁ
ବାକି କାମ କରି ପଛକୁ
ଗଛଟି ଯଦିଏ ବ୍ବ
ମେଘ ଯଦି ପାଣି ଛି୍ବ
କିଏ ତ ଗୋଟିଏ ମଣିଷ
ଖାଇବ ଦିନେ ଏ ପଣସ
ଗଛ ଇଏ ଆନପାଇଁକି
ଖୁସି ହୁଏ ତାକୁ ଚାହିଁକି ।
॥

# ମାଟି



ମାଟି ନୁହେଁ ସିଏ ମାଆଟି
ସାରା ଜୀବନର ସାହାଟି
ଏତିକି ସୁଗୁଣ ଜଗତରେ ତମେ
ପାଇବନି ଆଉ କାହାଠି ।
ଭଳିଭଳି ଦିଏ ଫସଲ
କାମ କରିଥାଏ ଅସଲ
ଗହମ, ବାଜରା, ସୋରିଷ, କାନ୍ଦୁଲ
କରୁ ତାହାଠାରୁ ହାସଲ ।
ଫୁଲ ଦିଏ ଭଳିଭଳିକା
ଡେଙ୍ଗରେ ସଜାଏ କଳିକା
ସବୁଜଗଛ ତା ରସ ପିଇଦେଇ
ନାଚୁଥାଏ ଢ଼ଳିଢ଼ଳିକା ।
କାଦୁଆ ମାଟିକି ଚକଟି
କୁମ୍ଭାର ବୁଲାଏ ଚକଟି
ମାଟି ଥିଲା ଯାକେ ପେଟ ପୋଷୁଥିବ
ନାହିଁ ତା ମନରେ ଦକଟି ।



ମାଟି ଛାଟି ଦେଇ କାନ୍ଥରେ
ଗେରୁ ଲିପି ନିଜ ହାତରେ
ଚାଷୀଭାଇ ତାର ଆଟୁଘର, କେଡେ
ବାଗରେ ବନାଏ ସତରେ ।
ମାଟିକି ଭାଟିରେ ପୋଡିକି
ଇଟା ପାଉ, ତାହା ଯୋଡିକି
ରାଜ ମିସ୍ତିରୀ କରଣୀ ଚଲାଏ
କୋଠା ଯାଏ ବଢି ବଢିକି ।
ପୂଜା ପାରବଣ ଦଶରା
ଆସିଲେ ସଜାଇ ପସରା
ବେପାରୀ ବିକଇ ମାଟିର କଣ୍ଢେଇ
ମାଟି ତାର ବଡ ଆଶରା ।
ମାଟି ପରି କିଏ ହେବ କି ?
ଏତିକି ସେନେହ ଦେବ କି ?
କାହ୍ନୁ କହେ ସିଏ ଜନନୀ ମୋହର
ସତେ ଅବା ମାଆ ଦେବକୀ ।
॥

# ଅନ୍ଧ ବିଶ୍ୱାସ




ଅଜା ଯାଉଥିଲେ ଥିରି ଥିରି ପାଦେ
ଗାଆଁମୁଣ୍ଡ ବଡ ହାଟ
ବରଗଛମୂଳେ କାଳିଆ ବିଲେଇ
କାଟିଗଲା ତାଙ୍କ ବାଟ
ଲେଉଟି ଆସିଲେ ଅଜା
କୁନା ପଚାରିଲା 'ଫେରିଲ କାହିଁକି
ଆଣିବ ନାହିଁକି
ମୋ ଲାଗି ମିଠେଇ ଖଜା ?'
କାଳିଆ ଭୁଆଟି ବାଟ କାଟିଦେଲା
ଘଟଣା ଅଶୁଭ ଇଏ
ଅଘଟଣ ଭଲା ଏଭଳି ଘଟିଲେ
ଆଗକୁ ବଢ଼ିବ କିଏ ?
ସେ ଲାଗି ଆସିଲି ଘୂରି
ଅଜା କହିଥିଲେ ଆରଥର ଯାଇ
ଆଣିବି ତୋ ପାଇଁ
ମିହିଦାନା, ଠୁଙ୍କାପୁରି ।
କୁନା କହିଥାଏ ମୁରୁକି ହସିକି



ଶୁଣିକି ଅଜାଙ୍କ କଥା
'ବାଟ କାଟିଗଲେ ବିଲେଇ ଅଶୁଭ
କେଉଁଠି ପଢ଼ିଛ ବତା
କଥା କହ ଖାଲି ବଡ
ଏଣେ ମନେ ଯେତେ ଅନ୍ଧବିଶ୍ୱାସ
କରୁଛି ନିବାସ
ବୁଦ୍ଧିବି ହେଲାଣି ଜଡ ।'
କୁନା କଥା ଶୁଣି ଭାଳି ଭାଳି ଅଜା
ଶେଷକୁ ଦିଅନ୍ତି ମତ
'ସାନ ପିଲାଟିଏ ହୁଅ ପଛେ ନାତି
କଥାଟି କହିଲୁ ସତ
ଏଭଳି ବିଚାର ମାନ
କେବଳ ମୂରୁଖ ରଖନ୍ତି ମନରେ
ଏଣିକି ଧନରେ
ଦେବିନି ଏଥିରେ ଧ୍ୟାନ ।'
॥

# କଲମ



ଜେଜେବାପା ଆମ କେତିକି ବାଗରେ
ତାଳ ପତରକୁ ଗୁନ୍ଥିକି
ଲୁହାର ମୂନିଆ ଲେଖନୀ ଚଳାଇ
ଲେଖୁଥିଲେ ବସି ପୋଥିକି ।



ବାପା ଲେଖୁଥିଲେ କାଠ କଲମରେ
ଥିଲେ ଯେବେ ମୋ' ଭଳିଆ
ହାତ ପାଖେ ଥିଲା ମାଟିର ଦୁଆତ
ସ୍ୟାହି ଭରିଥିଲା ନେଳିଆ ।



ବହି ପଢ଼ିବାକୁ ସୁଖପାଏ ମୁହିଁ
ଚାଟମେଳେ ମୁଁ ଯେ ଆଗୁଆ
ପାଠଲେଖେ ଆଜି ଝର କଲମରେ
ରଂଗଟି ତାହାର ଶାଗୁଆ ।
॥

# ଗୋଲାପ




ବୁଲୁଥିଲି ଦିନେ ବଗିଚାରେ ଆମ
ହେଇ ଆସୁଥିଲା ଭୋର
ଦରଫୁଟା ସଜ ଫୁଲଟିରେ ତେବେ
ନଜର ପଡିଲା ମୋର ।
ଟୋପି ଟୋପି ତହିଁ କାକର ଜମିକି
ଝଟକେ ମୁକୁତା ସରି
ଭୁରୁଭୁରୁ ବାସ ଦିଗ ଚହଟାଇ
ପାଖୁଡାରୁ ପଡେ ଝରି ।
ଗୋଲାପ କଢ଼ିର ଗୋଲାପି ଆଭାରେ
ହସୁଥିଲା ଉପବନ
ହାତରେ ଧରିକି ଫୁଲଟି ଖେଳିବା
ପାଇଁକି କରିଲି ମନ ।
ତୋଳିବା ପାଇଁକି ହାତ ବଢ଼ାଇଲି
ହାତରେ ଲାଗିଲା କ ।
କହିଲି ଫୁଲକୁ ପକାଇଲୁ ମୋର
ଖୁସିର ଜୁଆରେ ଭଟା ।



ଫୁଲଟି କହିଲା 'ନିରେଖି ଦେଖ ମୁଁ
ଡାଳରେ ଦିଶଇ ଭଲ
ହାତରେ ମକଚି ଖେଳିବାକୁ ଚାହଁ
କରି ମୋତେ କଲବଲ
ବୁଦାରେ ଥାଇକି ଝୁଲା ଝୁଲୁଛି ମୁଁ
ପ୍ରଜାପତି, ମହୁମାଛି
ଡେଣା ଝପଟାଇ ଆସନ୍ତି ପାଖକୁ
କି ସୁନ୍ଦର ନାଚି ନାଚି
ବାସନା ଦେବାକୁ ଫୁଲ ମୁଁ ଫୁଟିଛି
ଦେହରେ ଅତର ବୋଳି
ତୁଚ୍ଛାରେ ଧରିକି ଖେଳିବା ପାଇଁକି
ନିଅନା ନିଅନା ତୋଳି ।'
॥

# ଦୁବଘାସ

ମନକୁ ମନ ମୁଁ ମାଟିରେ ଗଜୁରେ
ଧରାକୁ କରେ ମୁଁ ଶ୍ୟାମ
ସାରା ଏ ବସୁଧା ଛାଇ ମୁଁ ରହିଛି
ଦୁବଘାସ ମୋର ନାମ ।
ଖରାରେ ମଉଳେ, ଚେର ରହିଥାଏ
ଛପିଛପି ଭୂଇଁ ତଳେ
ଆଷାଢ଼ ଅସରା ପାଇଲେ କଅଁଳେ
ପତର ମୋ ବଳେ ବଳେ ।
କେତେ ବାଟଚଲା ପଥିକ ଚରଣ
କଷଣ ଥାଏ ମୁଁ ହରି
ଭକତ କେ ମତେ ତୋଳେ ପୂଜିବାକୁ
ପତିତପାବନ ହରି ।






ଦମ୍‌କା ପବନ ଦାଉରେ ଭାଙ୍ଗଇ
ଗହଳ ଗଛର ଡାଳ
ପରୁଆ ନାହିଁ ମୋ ଆସୁ ପଛେ ଯେତେ
ଝଡିବରଷାର କାଳ ।
ପଦାଘାତ ପାଇ ଜୀବନ ବିତାଏ
ତଥାପି ଶୋଚନା ନାହିଁ
ଯୁଗ ଯୁଗ ଧରି ଜୀଇଁ ମୁଁ ଆସିଛି
ପର ଉପକାର ପାଇଁ ।
॥

# ଶ - ଷ - ସ



ଶଗଡ ଚାଲୁଛି କେଏଁ କଟକଟ
ଉଡାଇ ଗହୀର ଧୂଳି
ଶଜନା ପତର, ଫୁଲ ଖାଇବାକୁ
ଯିବନି ପିଲାଏ ଭୁଲି ।
ଶନିବାର ଦିନ ସାଥିପିଲା ମିଶି
ବୁଲି ଯାଇଥିଲୁ ପୁରୀ
ଶଙ୍ଖାହଳେ ପାଇଁ ଭାଉଜ ଆମର
ନିଇତି ହୁଅନ୍ତି ଝୁରି ।




ଷଟପଦ ମାନେ ଭଅଁର ବୋଲିକି
କହୁଛି ଭଉଣୀ ସୀତା
ଷଠୀଘର ହେଲା କୁନି ଭାଇଟିର
ଜେଜେମା ଲେଖିଲେ ଚିତା ।
ଷଣ୍ଢଟିଏ ଆମ ଦୁଆର ମୁହଁରେ
ସକାଳ ପହରୁ ଛିଡା
ଷଡରିପୁ ଯଦି ବଶ କରିଥିବ
ପାଇବନି ମନେ ପୀଡ଼ା ।




ସରମିଶା କ୍ଷୀର ଭାରି ସୁଆଦିଆ
ପାଟିକି ଲାଗଇ ମିଠା
ସହର ଯାଇ କି ସଉଦା ଆଣିବେ
ବାପା ଲେଖୁଛନ୍ତି ଚିଠା ।
ସବିତା ଉଇଁଲେ ଆକାଶେ ସତେବା
ଅବିର ଦିଏ କେ ବୋଳି
ସତେଜ ଫୁଲଟି ଉପର ଡାଳରୁ
ପାରିବକି ତମେ ତୋଳି ?
॥

# ବାରମାସେ ତେର ପରବ



ବଇଶାଖ ମାସେ ପଣା ସଙ୍କରାନ୍ତି
ବରଷଟି ହୁଏ ଆରମ୍ଭ
ଜେଷ୍ଠ ମାସରେ ଶୀତଳ ଷଷ୍ଠୀ
ପହିଲି ରଜର ପରବ ।
ଆଷାଢ଼ ମାସରେ ଜଗତର ନାଥ
ବିଜେ ହେଇଥାନ୍ତି ରଥରେ
ଶ୍ରାବଣେ ଭଉଣୀ ରାକ୍ଷୀ ବାନ୍ଧିଥାଏ
ସରାଗେ ଭାଇର ହାତରେ ।
ଭୋଦୁଅ ମାସରେ ଗଣପତି ପୂଜା
କରିଥାଏ ଆମ କହ୍ନେଇ
ଅଶିଣେ ଆସଇ ଦଶରା ପରବ
ଆସେ ବି କୁଆଁର ପୂନେଇଁ ।




କାରତିକେ ହୁଏ ବୋଇତ ବନ୍ଦାଣ
ଡକା ହୁଏ ବଡ଼ବଡ଼ିଆ
ମଗୁଶୀର ମାସେ ମାଣ ବସିଥାଏ
ଝୋଟି ଲେଖା ହୁଏ ବଢ଼ିଆ ।
ପଉଷ ମାସରେ ସମ୍ବରଦଶମୀ
ବୋଉ କରେ କ୍ଷୀରୀ କାକରା
ମାଘ ପହିଲେ ଶିରୀପ ମୀର
ପରବ ଦିଅଇ ଡାକରା ।
ଫଗୁଣେ ଦେଉଳେ ଝିକିମିକି ଜଳେ
ଦୀପମାଳା, ଆସେ ଜାଗର
ଚଇତେ ଦୋଳର ରଂଗେ ଜୁଡୁବୁଡୁ
ସାରା ଗାଆଁ ସାରା ନଗର ।
॥

# ଜନ୍ମଭୂମି




ଗୁରୁ କହିଛନ୍ତି ଜନମଭୂଇଁର
ନାଆଁରେ ଲେଖିବ ରଚନା
କଅଣ ଲେଖିବ କେମିତି ଲେଖିବ
କାହ୍ନୁ କରେ ବସି ଶୋଚନା ।
କୋଳକୁ ନେଇକି ମାଆ କହିଥାନ୍ତି
ବତାଇ ଦେଉଛି ଧନରେ
ଆପଣା ଦେଶର ଗଉରବ ଗାଥା
ଲେଖିବୁ ରଖିକି ମନରେ ।
ଭାରତ ଦେଶରେ ଜନମ ଆମର
ହିମଗିରି ଶୋଭେ ମଥାରେ
ଚରଣ ଧୁଅଇ ସାଗର ଲହରୀ
କଳକଳ କହି କଥାରେ ।
କରୁଥିଲେ ଦିନେ ଏ ଦେଶେ ରାଜୁତି
ବଳଶାଳୀ ରାଜା ଭରତ
ଏ ଦେଶର ମୁନିଋଷି ଲେଖିଛନ୍ତି
ରାମାୟଣ, ମହାଭାରତ ।



ଜାତି ଜାତି ଭାଷା, ଜାତି ଜାତି ଲୋକ
ଗୁଜୁରାଟୀ ଅବା ଓଡ଼ିଆ
ଭାରତମାତାର ସଭିଏଁ ସନ୍ତାନ
ସଭିଏଁ ତା ଲାଗି ବଢ଼ିଆ ।
ଏ ଦେଶର ମାନ ରଖିବା ପାଇଁକି
କେତେ ଲୋକ ହେଲେ ଶହୀଦ
ଏ ଦେଶର ବନପରବତ ଶୋଭା
ଭାଷାରେ ନୁହଁଇ କହିତ ।
ଛାତି ଫୁଲି ଉଠେ ଗରବେ ଏହାର
ତିରଙ୍ଗାକୁ ଦେଲେ ଅନେଇଁ
ଏ ଦେଶ ମାଟିକୁ ତିଳକ କରିକି
ମଥାରେ ଘେନିବୁ କହ୍ନେଇ ।
ମାଆଙ୍କ କୋଳରୁ ଝଅଟ ଉଠିକି
କାହ୍ନୁ କହେ 'ଶୁଣ ମାଆଗୋ
ଯାଉଛି ଲେଖିବି ରଚନା, ମନରେ
ରଖିଛି କହିଲ ଯାହା ଗୋ ।'
॥

# ଜହ୍ନ ଓ ଫୁଲ

ଶରତ  ଆକାଶେ ସାରା ରାତି ଜଳେ
ଅସୁମାରି ଦୀପ ତାରାର
ତଥାପି ପାରେନି ଦୂରେଇ ଟିକେ ବି
ବହଳ ଅନ୍ଧାର ଧରାର
ଏକୁଟିଆ ଜହ୍ନ ଉଭା ହୁଏ ଯେବେ
ପୂନେଇଁ ତିଥିର ରାତିରେ
ଝଲମଲ କରେ ବଣବୁଦା ବିଲ
ଶୀତଳ ଜୋଛନା ସାଥିରେ ।
ଭଳିଭଳି ଫୁଲ ଉପୁଜେ ମାଟିରେ






ପଳାଶ, ଧୁତୁରା, ଅରଖ
ରଂଗରୂପ ଅଛି ବାସ ନାହିଁ କିନ୍ତୁ
କରିକି ଦେଖିବ ପରଖ
ଏକୁଟିଆ ସାଦା ମଲ୍ଲିକଢ଼ଟିଏ
ଫୁଟେ ଯେବେ ସାରା ଅଗଣା
ମହମହ କରେ, ଆମ ପାଇଁ ସେ ଯେ
ଅତର ଢ଼ାଳଇ ମାଗଣା ।

ଜହ୍ନଟିଏ ମୋତେ କରିବ କି ପ୍ରଭୁ
ଫୁଲଟିଏ ମତେ କରିବ
ଆଲୋକ, ମହକ ବିତରି ତାହେଲେ
ଜୀବନଟି ମୋର ସରିବ ।
॥

# ବଗୁଲା ଓ କଙ୍କଡ଼ା



ପାହାଡ ତଳିରେ ପୋଖରୀଟିଏ
ଗୋଲାପି କଇଁରେ ଭରା
ଝିକିମିକି କରେ ନେଳିଆ ଢ଼େଉ
ପଡିଲେ ସକାଳ ଖରା ।
କୂଳରେ ରହଇ ବଗୁଲାଟିଏ
ଆଇଁଷକୁ ତାର ଆଶ
ଆବୋରିଥାଏ ସେ ବରଷ ସାରା
କାଦୁଆ ପୋଖରୀ ପାଶ ।
ମାଛ ଖାଇବାର ସହଜବାଟ
ଦିନଟେ ଭାବିଲା ବସି
ମାଛଙ୍କୁ ଡକାଇ କହିଲା 'ଭାଇ
ପୋଖରୀ ଭିତରେ ପଶି ।
ଗାଆଁବାଲା କାଲି ମାରିବେ ମାଛ
ଶୁଣିଲି ଏକଥା ଆଜି
ନିଆରା ପୋଖରୀ ବୋହିକି ନେବି
ହବ ଯଦି ତୁମେ ରାଜି' ।



ଭୟରେ ମାନିଲେ ମାଛ ତା କଥା
ଥ ରେ ତାହାଙ୍କୁ ଧରି
ଦୂର ଆମ୍ବଡାଳେ ବଗୁଲା ବସି
ଖାଅଇ ମଉଜ କରି ।
ସେଦିନ ବଗୁଲା କଙ୍କଡାଟିଏ
ଚଂଚୁରେ ଧରିକି ଯେବେ
ଉଡି ଉଡିଯାଇ ଗଛରେ ବସେ
କଙ୍କଡା ଦେଖଇ ତେବେ ।
ମାଟିରେ ଜମିଛି ମାଛର କ ।
ଚତୁର କଙ୍କଡା ବୁଝେ
ବଗୁଲା ଚାଲାଖି, ଭାଳଇ ମନେ
କେମିତି ବ୍‌ବି ମୁଁ ଯେ ।
ଶେଷକୁ ଧାରୁଆ ଗୋଡରେ ତାର
ବଗ ବେକ ଦିଏ ଚିରି
ବଗ ଆଖି ବୁଜେ, କଙ୍କଡା ଫେରେ
ପୋଖରୀକୁ ଥିରି ଥିରି ।
॥

# କାହାକୁ କିଏ



ପୁଅକୁ ସୁନ୍ଦର ପାଟ ପୀତାମ୍ବରୀ
ଝିଅକୁ ସୁନ୍ଦର ନେତ
ଗଛକୁ ସୁନ୍ଦର ଫୁଲ ଓ ପତର
ଗାଆଁକୁ ଫସଲ କ୍ଷେତ ।
ଖୋଷାକୁ ସୁନ୍ଦର ରଂଗ ପାଟଫୁଲି
କାନକୁ ସୁନ୍ଦର ଝରା
ଗାଲକୁ ସୁନ୍ଦର କୁନି କଳାଜାଇ
ଶୀତକୁ କଅଁଳ ଖରା ।
କୋଳକୁ ସୁନ୍ଦର ହଟିଆ କହ୍ନେଇ
ଖଟକୁ ସୁନ୍ଦର ଶେଯ
ଆଖିକୁ ସୁନ୍ଦର ଚିକଣ କଜଳ
ବୀର ପୁରୁଷକୁ ତେଜ ।


ଗୀତକୁ ସୁନ୍ଦର ସୁର, ଲୟ, ତାଳ
ପିଣ୍ଡାକୁ ସୁନ୍ଦର ଶାରୀ
ରାତିକି ସୁନ୍ଦର ତାରାର ରୋଷଣୀ
ଘରକୁ ସୁତୁରା ବାରି ।
ନାଚକୁ ସୁନ୍ଦର ନୂପୁର ଶବଦ
ପାଦକୁ ସୁନ୍ଦର ମଲ
ନାକକୁ ସୁନ୍ଦର ହୀରାର ବସଣୀ
ବନକୁ ହରିଣ ପଲ ।




ଦାଣ୍ଡକୁ ସୁନ୍ଦର ପଥର ପାହାଚ
ଫୁଲକୁ ସୁନ୍ଦର ଅଳି
ସଂଜକୁ ସୁନ୍ଦର ଫାଳିକିଆ ଜହ୍ନ
ଚୂଆକୁ କମଳକଳି ।
ହାତକୁ ସୁନ୍ଦର କନକକଙ୍କଣ
ଯୋଗୀକୁ ସୁନ୍ଦର ଥାଳ
ଚାଳକୁ ସୁନ୍ଦର ଲାଉଡଙ୍କ ଲଟା
ଦିଅଁକୁ ଦୟଣା ମାଳ ।
॥

# ଖେଳ

ତୋ' ବାରିରେ ତେନ୍ତୁଳିଗଛ
ମୋ' ବାରିରେ ଛାଇ
ଖେଳିବା ଖେଳ ସଭିଏଁ ମିଶି
ଆସରେ ଆସ ଭାଇ ।
ଖେଳିଲେ ଦେହ ସବଳ ରହେ
ମିଜାଜ ରହେ ତାଜା
ଖେଳିବା ଖେଳ ଆସରେ ଆସ
ମାମିନା, ମୀନା, ରାଜା ।
ତୋ' ବାରିରେ କନକଚଂପା
ମୋ' ବାରିରେ ବାସ
ଖେଳିଲେ ଅଧା ବେମାରି ବିନା
ବଇଦ ହୁଏ ନାଶ ।
ବସି ରହିଲେ ଜମଇ ମେଦ
ବଢ଼ାଇବାକୁ ଆୟୁ
ନିଇତି ସଂଜେ ଖେଳିବ ଖେଳ
ଯେତେ ବା କାମ ଥାଉ ।





ତୋ' ବାରିରେ ବଉଳଗଛ
ମୋ ବାରିରେ କଡ଼
ଖେଳିବା ଲାଗି ବାରଣ ନାହିଁ
ସାନ ହୁଅ ବା ବଡ଼ ।
ଖାଉଥା ପଛେ ନିଇତି ଘରେ
କାକରା, କ୍ଷୀରୀ, ପୁରୀ
ଖେଳିବା ବିନା ବେକାର, ଦେହ
ଖେଳକୁ ଥାଏ ଝୁରି ।
ତୋ' ବାରିରେ ପଣସଗଛ
ମୋ' ବାରିରେ ଫଳ
ଖେଳିଲେ ଖେଳ ପିଲାଟି ଦିନୁ
ଦେହରେ ଆସେ ବଳ ।
ବିନା ଖେଳରେ ଦେହ ଓ ମନ
ଉଭୟ ହୁଏ ଜଡ
ଖେଳିଲା ବେଳେ ଖେଳରେ ପିଲେ
ପଢ଼ିଲା ବେଳେ ପଢ଼ ।
॥

# ଗଣେଶ ପୂଜା



କୁନିମୁନି କହେ ବଡ଼ [illegible] [illegible] ଗଣେଶପୂଜା

ଖାଇବିନି କାଲି ଭାତ କି ଭୁଜା ।

ବାପା ଆଣିଛନ୍ତି ବଜାରୁ କିଣି

ଧୋବ ଫରଫର ମାଟିର ମୂରତୀ

ଗଳାରେ ପଡିଛି ଗଜରା ତିନି ।

ହାତୀର ଶୁଣ୍ଢରେ ସାଜଇ ମୁହଁ

ମୂଷା ବାହନରେ ବିଜେ ହେଇଛନ୍ତି

ଗେଲ ବସରିଆ ଗଉରୀ ପୁଅ ।

କୁନି କହେ ଧରି ମାଆଙ୍କ କାନି



କେଉଁଠି ରଖିଚ ବେଇଗି ଦିଅ ମା

ଭୋଗ ସରଞ୍ଜାମ, ଧୂପର ଦାନୀ ।

ହାତରେ ଆଉ ଯେ ନାହିଁ ମୋ ବେଳ

ଫୁଲ ତୋଳିବାକୁ ସାଥି ପିଲା ସବୁ

ଡାକ ଛାଡିଲେଣି ହେଇକି ମେଳ ।

ଆସିଲେ ଗୁନ୍ଥିବି ଟଗରହାର

ଥାପନା କରିବି ବିଘ୍ନବିନାଶନ

ପୂଜିବି ଦେଇକି ଝୋଟିର ଗାର ।

ଆଞ୍ଜୁଳିରେ ଭରି କୁସୁମ କଳି

କହିବି 'ପ୍ରଭୁ ହେ ବିଦ୍ୟାର ସାଗର

ପାଠ ଦିଅ ମତେ ଏତିକି ଅଳି' ।

॥

# ଖାଇବ ଧୋଇକି ହାତ



ଅଜା ପହ୍‌ଲେ ଗାଆଁରୁ ଆସି
ପୁଟୁଳି ଖୋଲିଲା ମିଠେଇ
ଜାଣେ ତା' ଲାଗି ଆରିଷା, ମଣ୍ଡା
ଆଇ ମାଆ ଥିବେ ପଠେଇ
ପିଠାଟିଏ ନେଇ ଖାଇବାପାଇଁ
ଆଗଭର ହେଲା ବେଳକୁ
ଅଜା କହିଥିଲେ ଧୋଇଆ ହାତ
ବେଗି ଯାଆ କଳମୂଳକୁ ।
ଅବାକ ଆଖିରେ ମିଠେଇ କହେ
ହାତ ମୁଁ ଧୋଇବି କାହିଁକି
ଅଜା କହିଥିଲେ ଜୀବାଣୁଠାରୁ
ଦୂରରେ ରହିବାପାଇଁକି ।




ଖେଳୁଥିଲୁ ଏବେ ମାଟିରେ ବସି
ହାତେ କି ଲାଗିନି ମଇଳା ?
ପେଟକୁ ଗଲେ ତା ବେମାରି ଆସି
କରିଦେବ ପୂରା ଘାଇଲା ।
ଖାଇବା ଆଗରୁ ନିଇତି ତେଣୁ
ମକଚି ଧୋଇବୁ ହାତକୁ
ବେଫିକର ହେଇ ଖାଇବୁ ତେବେ
ପାୟସ, ପୁରୀ ଓ ଭାତକୁ ।
ଅଜାଙ୍କ କଥାକୁ ମିଠେଇ ଶୁଣି
କହେ ବୁଦ୍ଧିଦେଲ ବଢ଼ିଆ
ହାତ ମୁଁ ଧୋଉଛି ଜଲ୍‌ଦି କାଢ଼
ଗଣ୍ଠିଲିରୁ ପିଠା ପୁଡିଆ ।
॥

# ସରସ୍ୱତୀ ପୂଜା



ପଉଷ ସଇଲା, ମାଘ ପହ୍ଲା
ଘାସରେ କାକର ଉଠିଲା ଜମି
ବରଷକ ପରେ ଚହଲ ପକାଇ
ଆସିଲା ପରବ ଶିରୀପ ମୀ ।
ଧୋବ ଫରଫର ପଦୁଅଁ ପାଖୁଡ଼ା
ତହିଁରେ ଆସୀନ ବୀଣାବାଦିନୀ
ଧୂପଦୀପଜାଳି ପୂଜା କରେ କିଏ
ଭଜନ ଗାଏ କେ ବଜାଇ ଗିନି ।
ଘରେ ବିରାଜନ୍ତି ବାଗ୍‌ଦେବୀ, ମଥା
ନତ କରିଥାନ୍ତି ଭକତଜନ
ଶ୍ୱେତବସନରେ ଦେବୀ ଝଲମଲ
ସତେ ବା ଆକାଶେ ପୂନେଇଁ ଜହ୍ନ ।





ଗଜରା ମାଳରେ ପୂଜାର ମଣ୍ଡପ
ସକାଳପହରୁ ହେଇଛି ସଜା
ଭୋଗ ବଢ଼ାହୁଏ କାକୁଡ଼ି, କଦଳୀ
ନାରୀକେଳ, ଲଡ୍ଡୁ, ଉଖୁଡ଼ା ଖଜା ।
ସରଗ ରତନ ସିଂହାସନ ତେଜି
ମାଆ ଆସିଛନ୍ତି ଦିନକପାଇଁ
ବିଦ୍ୟାଦାୟିନୀ ଗୋ, ପାଠ ଦିଅ ମୋତେ
ମାଗୁଣି କରିବି ଏତିକି ଯାଇ ।
କରିବି ମିନତି, ଦେବୀ ସର ତୀ
ଜଡବୁଦ୍ଧି ମୋର ବିନାଶ କର
ଅନ୍ତର ହେଉ ମୋ ଚିର ଆଲୋକିତ
ଦୟାକର, ଦିଅ ଏତିକି ବର ।
॥

# ନୂଆ ବରଷ





ଜାନୁୟାରୀ ମାସ ପହିଲା
ସକାଳୁ ସକାଳୁ କୁନୁମୁନି ଯାଇ
ଜେଜେଙ୍କ କାନରେ କହିଲା ।
ଗହଗହ କରେ ସହର ବଜାର
ଆଜି ପରା ନୂଆ ବରଷ
ମଉଜ କରିବା, ଜେଜେବାପା ଯାଇ
ମିଠେଇ ଆଣତ ସରସ ।
'ମିଠେଇ ଆଣିବି ଯଦି ମୋ କଥାର
ଦେଇ ତୁ ପାରିବୁ ଉ ର
ପଚାରିଲେ ଜେଜେ ବଟୁଆରୁ ତାଙ୍କ
କାଢୁକାଢୁ ପାନ ପତର ।
ବରଷକ କେତେ ଦିନ, କେତେ ମାସ
କେତେ ଋତୁ ଦେଖି କହତ ।
ମିଠାଇ ସାଥିରେ ତେବେ ତୋ ହାତରେ
ଟଙ୍କା ଗଣିଦେବି ନଅତ ।'
କୁନି କହିଥାଏ 'ଜାଣିଛି ଉ ର



ଗୁରୁ କହିଛନ୍ତି ବୁଝେଇ
ବକର ବକର କରେ ସିନା, ପାଠ
ପଢେ ମୁହିଁ ମନ ମଜେଇ
ତିନିଶହ ଆଉ ପଅଁଷଠି ଦିନ
ମିଶିଲେ ହୁଅଇ ବରଷ
ବାରମାସ ଆସେ ନୂଆ ନୂଆ ରୂପେ
ଦେଖି ମନହୁଏ ହରଷ
ବରଷକେ ପୁଣି ଛଅଋତୁ, କିଏ
ଖରାରେ ଆସେ କେ କାକରେ
କିଏ ବା ସରଜେ ମଳୟ ଆଉ କେ
ଆସେ ଘଡ଼ଘଡ଼ି ଡାକରେ ।
କୁନି କଥା ଶୁଣି ଜେଜେ କହିଥାନ୍ତି
'ମାନିଲି ତୁ ଭାରି ବୁଦ୍ଧିଆ
ଖୋଜି ଖୋଜି ଆଜି ଜରୁର୍ ଆଣିବି
ତୋ ଲାଗି ଜିଲିପି, ବୁନ୍ଦିଆ ।'
॥

# ନଈରେ ନଈ



ନଈରେ ନଈ
କୂଳ ଉଛୁଳାଇ ଯାଉଛୁ ବହି
ପାହାଡ଼ ଛାତିରୁ ଓହ୍ଲେଇ
କୁଳୁ କୁଳୁ ସୁରେ ମଧୁର କେତେ
ଗୀତ ବି ଗାଉଛୁ ଗେହ୍ଲେଇ ।

ନଈରେ ନଈ
ପଥରମାଡକୁ ଦେହରେ ସହି
ଅଙ୍କାବଙ୍କା ବଣବାଟରେ
ବହି ତୁ ଚାଲିଛୁ ବସାଇ କୂଳେ
ସହର, ନଗର, ହାଟରେ ।

ନଈରେ ନଈ
ସୂରୁଜ ଦେବତା ପଡିଲେ ନଇଁ
ନୂଆବୋହୂ ଧରି କଳସୀ
ତୁଠକୁ ଯାଏ ତୋ, ବରଷା ଦିନେ
ଲାଗେ ତତେ ଅବା କାଳିସୀ ।




ନଈରେ ନଈ
ନିମିଷକ ପାଇଁ ଯିବୁକି ରହି
କାଗଜଡଙ୍ଗା ମୋ ଆଣିବି
ଭାସି ଭାସି ତୋର ସାଥିରେ ନାନା
ମୁଲକର କଥା ଜାଣିବି ।

ନଈରେ ନଈ
କଥାଟିଏ ତତେ ରଖିଲି କହି
ବସିବୁକି ମିତ ସାଥିରେ
ଉପହାର ଦେବୁ ରୂପେଲୀ ମାଛ
ପହଁରେ ଯେ ତୋର ଛାତିରେ ।

ନଈରେ ନଈ
ସାଗର ସାଥିରେ ମିଶୁଛୁ ଯହିଁ
ଦେଖିବାକୁ ଭାରି ମନ ମୋ
କେତେ ଉପକାର କରୁଚୁ ଆମ
ସାରଥକ ତୋର ଜନମ ।
॥

# ଟିମ୍‌ଟିମାଟିମ୍ ତାରା



ଟିମ୍‌ଟିମ୍ ଟିମାଟିମ୍ ତାରାରେ
ଝିକିମିକି ଜଳୁ ରାତି ସାରାରେ
ସଜ ମଲ୍ଲିଫୁଲ ପରି ଚେହେରା
ଅନ୍ଧାରରେ ଦେଇଥାଉ ପହରା ।

ଟିମ୍ ଟିମ୍ ଟିମାଟିମ୍ ତାରାରେ
ଢ଼ାଳୁ ଫିକା କିରଣର ଧାରାରେ
ଆକାଶର ତୋଫା ନୀଳ ଅଗଣା
ବତୀ ଜାଳୁ ତହିଁ ତୁଯେ ମାଗଣା ।




ଟିମ୍ ଟିମ୍ ଟିମା ଟିମ୍ ତାରାରେ
ହଜିଯାଉ ସକାଳର ଖରାରେ
ସାରାଦିନ ଲୁଚାଇ ତୋ ମୁହଁଟି
ଛପିଥାଉ କେଣେ ଟିକେ କହଟି ।

ଟିମ୍ ଟିମ୍ ଟିମାଟିମ୍ ତାରାରେ
ହାତେ ମୋର ଦିଅନ୍ତୁ କି ଧରାରେ
ଖରାଦିନେ ଖୋଲାଛାତେ ଶୋଇକି
ଖୁସିହୁଏ ତତେ ଚାହିଁ ଚାହିଁକି ।



ଟିମ୍ ଟିମ୍ ଟିମାଟିମ୍ ତାରାରେ
ରୂପ ତୋର ଅଟେ ଭାରି ତୋରାରେ
ସଂଜ ହେଲେ ଫୁଟି ଗୋଟିଗୋଟିକା
ମାରୁ ସତେ ମତେ ଆଖିମିଟିକା ।
॥


# ଇନ୍ଦ୍ରଧନୁ




ଝିରି ଝିରି ବୁନ୍ଦା ଝରିପଡେ ଯେବେ ଆଷାଢ଼ମାସେ
ଝଲମଲ ହେଇ ଫୁଟି ଉଠୁ ତୁହି ନୀଳ ଆକାଶେ

ଲାଗଇ ସତେ ବା ଗଗନେ କିଏସେ ଖେଳୁଚି ହୋରି
ଫୁଲ ପାଖୁଡାରୁ ନାନାଜାତି ରଂଗ କରିକି ଚୋରି ।

ଲାଗଇ ଅଥବା କଳାକାର କିଏ ଆଙ୍କିଲା ତତେ
ତୂଳୀ ହାତେ ନେଇ ନିରିଜନ ଦୂର ଆକାଶପଥେ ।



ଯାଦୁକର କଳା କାଉଁରୀ କାଠିରେ କୁହୁକ ଅବା
ନିମିଷଟାକରେ ନଭରେ ବସିଲା ରଂଗର ସଭା




ଦିଶିଥାଉ କିଆଁ ମିଶିଲେ ବରଷା, କଅଁଳଖରା
ପଚାରିଲି ଯେବେ ବୁଝାଇକି ମାଆ କହିଲେ ପରା

ସାତରଂଗ ଅଛି ସୂରୁଜ କିରଣ ଦେହରେ ମିଶି
ପାଣିଟୋପା ତାହା ଭାଙ୍ଗିଲେ ଯାଏ ତା ଆମକୁ ଦିଶି ।

॥

# ଭାଷା




ନିଦରୁ ଉଠିଲି ଏଇଲାଗେ ମୁହିଁ
ଦାନ୍ତ ଉଠିଲାଣି ଶ୍ୟାମର
ପଡିଆ ମଝିରେ ପାଚେରୀ ଉଠୁଛି
କୋଠା ତୋଳା ହେବ ଆମର ।
ମଞ୍ଜି ପୋତିଥିଲି ଦଶଦିନ ତଳେ
ଗଛ ଉଠିଲାଣି ତହିଁରୁ
ସୂରୁଜ ଉଠିଲେ ମୁଣ୍ଡ ଉପରକୁ
ଚଷାପୁଅ ଫେରେ ଗହୀରୁ ।



ସଙ୍ଗାତ ବସିଲେ କୁନିମୁନି ଦିହେଁ
ମୁକୁତା ବସିଛି ରୁଲିରେ
ସଭା ବସିଥିଲା ବେଳବୁଡେ ଆଜି
ଭାତ ବସିଅଛି ଚୁଲିରେ ।
ଗଳା ମୋ ବସିଛି ଦୁଇ ଦିନ ହେଲା
ଧୂଳି ବସିଲାଣି ଫଟରେ
ଦହି ବସିଲାନି ଭଲକରି ବୋଉ
କହୁଛି ବସିକି ଖଟରେ ।
ଉଠିବା, ମାରିବା, ବସିବା ଯଦିଓ
ଶବଦ ଗୋଟିଏ ଗୋଟିଏ
ଭଳି ଭଳି କଥା କହିଯାଇଥାଏ
ଭାଷାକୁ ଜୁହାର କୋଟିଏ ।
॥


ଲୁଣ ମାରିବାକୁ ବାପୁ ଯାଇଥିଲେ
ଦାଣ୍ଡିଯାଏ ଚାଲିଚାଲିକି
ଲହୁଣୀ ମାରିକି ଘିଅ ତିଆରିବେ
କହୁଛନ୍ତି ମାଆ କାଲିକି ।
ଆହୁଲା ମାରିକି ନାଉରୀ ଭାଇଟି
ଡଙ୍ଗାବାହେ କେତେ ଖଞ୍ଜାରେ
କ୍ଷୀର ଆଟିକାରେ ମୁହଁ ମାରିଦେଲା
ବିଲେଇଟି କାଲି ସଂଜରେ ।



# ବାଇ ଚଢ଼େଇ



ବାଇ ଚଢ଼େଇଟିରେ ବାଇଚଢ଼େଇ
ତୋ ମାଆ ଯାଇଛି ଗାଇ ଚରେଇ ।
ଗାଇଚରାଠୋଉ ଆଣିବ ତୋଳି
କଇଁଚିକାକୁଡି, କଦେଇ କୋଳି ।
କୋଳି ଖାଇଦେଇ ଡେଣା ମେଲେଇ
ଘର ଛାଡ଼ି ତୁକି ଯିବୁ ପଳେଇ ।
ମାଆ ଖୋଜୁଥିବ କାନ୍ଦିକାନ୍ଦିକି
ବଣବୁଦା ଆଉ ଗଛକନ୍ଦିକି ।
ବାଇଚଢ଼େଇରେ ବାଇଚଢ଼େଇ
ତୋ ମାଆ ଯାଇଚି ଗାଇଚରେଇ ।
ଗାଇ ଚରେଇବ ଗାଆଁ ସେପାରି
କାଳୀଗାଇ ସେ ଯେ ଚଗଲୀ ଭାରି ।
କ୍ଷେତରେ ପଶିକି ଖାଇବ ଧାନ
ମାଆ ମୋଡିଦେବ ତାହାର କାନ ।
ରୁଷିଯିବ, କ୍ଷୀର ଦବନି କାଳୀ
କୁନି ପେଟ ତୋର ରହିବ ଖାଲି ।
ବାଇଚଢ଼େଇରେ ବାଇ ଚଢ଼େଇ



ତୋ ମାଆ ଯାଇଛି ଗାଇଚରେଇ ।
ପାହାଡ ସେପଟ ଗହନବନ
କୁଳୁ କୁଳୁ ଯହିଁ ଝରଣା  ନ ।
ଝରଣାରୁ ମାଆ ଆଣିବ ଜଳ
ସାଥିରେ ମଧୁର ପାଚିଲାଫଳ ।
ଫଳ ଖାଇ ଯିବୁ ଖେଳରେ ମାତି
ଝୁଲିବୁ ମଉଜେ ଝୁଉଲୁହାତୀ ।
ବାଇଚଢ଼େଇରେ ବାଇଚଢ଼େଇ
ତୋ ମାଆ ଯାଇଛି ଗାଇ ଚରେଇ ।
ମାଆ ଗଲା ତତେ ଏକେଲା ଛାଡି
ଝଡ ବରଷା ଯେ ଆସୁଛି ମାଡି ।
ଆସୁ ପଛେ ଯେତେ ଝଡିବରଷା
ବାଆରେ ଦୋହଲେ ତୋହରି ବସା ।
ଉ ତାଳଗଛ ବାହୁଙ୍ଗାଟିରେ
ଶୁଖିଲା ପତର କୁଟାକାଠିରେ ।
କେମିତି ଦେଇଛୁ ବସା ବେଢେଇ
ବାଇ ଚଢ଼େଇରେ ବାଇ ଚଢ଼େଇ ।
॥

# ମଣିଷର ଜାତି ଗୋଟିଏ



କୁନା ଖେଳୁଥିଲା କାବୁଲି ସାଥିରେ
ସଂଜବେଳେ ଘର ଆଗରେ
ଦେଖିଦେଇ ତାକୁ ଜେଜେ କହିଥିଲେ
ତମ ତମ ହୋଇ ରାଗରେ ।
'ଛୋଟିଆ ଜାତିର ପିଲା ସିଏ ତାକୁ
କାହିଁକି ଡାକିଛୁ ଘରକୁ
ବୁଡ ପକାଇକି ଗାଧେଇ ଆସିବୁ
ଯାଆ ଗାଆଁମୁଣ୍ଡ ଝରକୁ ।'
କୁନା ହସି କହେ 'ଜେଜେବାପା ତମେ
ବଡ ମୋ'ଠାରୁ ବୟସେ
ଏତିକି ବୁଝୁନ ଆମଠାରୁ କେଉଁ
ଗୁଣରେ ନିଊନ ନୁହଁ ସେ ।



ମନେନାହିଁ ତମ ଭାଇଙ୍କର ଯେବେ
ଧକ୍କା ଲାଗିଥିଲା ଗାଡିରେ
କାବୁଲିର ବାପା ରକତ ଦେବାକୁ
ବସିଥିଲା ଆଗ ଧାଡିରେ ।
ଟୋପି ଟୋପି ତାର ରୁଧିର ଦଉଡେ
ଆଜି ବି ଭାଇଙ୍କ ଶରୀରେ
କେମିତି ଭୁଲୁଛ ଉପକାର ଯାହା
ଯାଇଛି ସେ ଆମ କରିରେ ।
ସାରା ବସୁଧାରେ ଭଳିଭଳି ଲୋକ
ମଣିଷର ଜାତି ଗୋଟିଏ
ଜଗତନାଥଙ୍କ ସଭିଏଁ ସନ୍ତାନ
ହୁଅନ୍ତୁ ପଛେ ସେ କୋଟିଏ ।'
କୁନା କଥା ଶୁଣି ଜେଜେ ବିଚାରନ୍ତି
ସତକଥା ନାତି କହିଲା
କାବୁଲିକି ଡାକି କୋଳକୁ ନିଅନ୍ତି
କାହାଣୀଟି ମୋର ସଇଲା ।
॥


# ପରଜାପତି




ପରଜାପତି
ଆଖିକୁ ଦିଶୁ ତୁ ଉଭଲ ଅତି
ଭଳି ଭଳି କେତେ ରଂଗରେ
ଡେଣାକୁ ସଜାଇ ଉଡିବୁଲୁଥାଉ
ମନ ମତାଣିଆ ଢ଼ଙ୍ଗରେ ।

ଗୋଲାପି, ନାଲି
ରୂପ ଦେଖି ତୋର ମାରଇ ତାଳି
କୁନୁମୁନି ଆମ ହସିକି
ପେଟ ଭରି ପିଉ ବହଳ ମହୁ
ସଜସୁମନରେ ବସିକି ।








ନିଖୁଣ ଛବି
ଦେଖି ତୋର ଗୀତ ଲେଖଇ କବି
ପାଆନ୍ତି ଯଦି ତୋ ଶରୀର
ହାଲୁକା ପଙ୍ଖରେ ଯାଆନ୍ତି ଉଡି
ସପନ ରାଇଜେ ପରୀର ।

ପେଡିରୁ କାଢ଼ି
କିଏ ଦେଲା ତତେ ଛବିଳ ଶାଢ଼ୀ
ଖୋଲାମେଲା ଉପବନରେ
ସଜଫୁଲ ସାଥେ ବସିକି ମିତ
ଖେଳ ଖେଳୁ ଖୁସି ମନରେ ।
॥

# ଫଳଙ୍କ ଭିତରେ ରଜା




ଫଳଙ୍କ ଭିତରେ ରଜା ବୋଲି ମୁହିଁ
ହୁଅଇ ଗଣା
କାଟିକି ଖାଏ କେ, କିଏ ବା ଚୁପୁଡି
କରଇ ପଣା ।
ଫଗୁଣ ଆସିଲେ ଫୁଲ ମୋ ମହକେ
ନହକା ଡାଳେ
ପେନ୍ଥି ପେନ୍ଥି ସଜ ବଉଳ ଦୋହଲେ
ବତାସ ତାଳେ ।
କ ।ବେଳେ କିଏ ତୋଳିକି କରଇ
ଆଚାର, ଖଟା
ଡେମ୍ଫରେ ଝୁଲିକି ସାଜିଦିଏ ମୁହିଁ
ସବୁଜ ତୋଟା ।
କିଏ ବା ଡିଆରେ ଆମ୍ବସଢ଼ା କିଏ
ଚଟଣୀ କରେ
ପାଚିଗଲେ ମୁହିଁ ମହମହ ବାସ
ସବୁରି ଘରେ ।



ଫଜିଲ୍, ଲେଙ୍ଗେଡା, ତୋତାପୁରୀ, ଚୋଷା
ହିମସାଗର
ନିଲମ, ଦଶେରୀ ସଫେଦା, ଅନେକ
ନାଆଁ ଯେ ମୋର ।
ଚୋପା ତଳେ ତଳେ ସାଇତା ବହଳ
ନାରଙ୍ଗୀ ରସ
ସୁଆଦରେ ମୋର ପିଲା ଅବା ବୁଢ଼ା
ସଭିଏଁ ବଶ ।
କେଡେ କାଇଦାରେ ମଝିରେ ରଖିକି
ଟାକୁଆ ମଂଜି
ସୁଆଦିଆ ଫଳ ବିଧାତା ଦେଇଛି
ଗଛରେ ଖଞ୍ଜି ।
ଫଳ ଖାଇ ସାରି ବାରିରେ ତମର
ଖୋଳିକି ଗାତ
ନୂଆଗଛଟିଏ ପାଇବା ପାଇଁକି
ଟାକୁଆ ପୋତ ।
॥

# ଘୁମୁରେ ପାରା

ଘୁମୁ ଘୁମୁ ଘୁମୁ ଘୁମୁରେ ପାରା
ଖୋଲା ମେଲା ନୀଳ ଆକାଶସାରା
ଡେଣା ମେଲି ଉଡୁ ଖୁସିରେ
ଯେତେ ବି ଡାକିଲେ ଆସୁନୁ କିଆଁ
ଯାଇଛୁ କି ସତେ ରୁଷିରେ ?



ସୋରିଷ, ମାଣ୍ଡିଆ, ଚାଉଳ, ବିରି
ଖୁଁ ଖାଉ ତୁଯେ ଥିଇରି ଥିରି
ଆଖି ଦୋଟି ତୋର ଗୋଲିଆ
ଭାଡି ମୁଁ ବାନ୍ଧିଛି ତୋହରି ଲାଗି
ପୋଷ ମାନିବାକୁ ଚାଲିଆ ।



ନାଲିଆ ଗୋଡ ତୋ ମୂନିଆ ନଖ
ପାଉଁଶବୋଲା କି ଦେହଟା ଯାକ
ତେଲ ଜୁକୁଜୁକୁ ପର ତୋ
ଗଛର କୋରଡ, ଦେଉଳ କନ୍ଦି
ବାଛିକି ବନାଉ ଘର ତୋ ।

ଶାନ୍ତିଦୂତ ତୁହି ଅଟୁରେ ପାରା
ଜାଣନ୍ତି ସଭିଏଁ ଜଗତସାରା
ଦୂରଦେଶେ ଚିଠି ନେଉତୁ
ଦରକାର ବେଳେ ଉଡିଉଡିକା
ଡାକବାଲା କାମ ଦେଉତୁ ।
॥

# ବାହନ

ଜେଜେମା କହିଲେ ଦିନରାତି ବୁଲୁ
ସାଇକଲ କରି ବାହନ
କେଉଁ ଦେବତାଙ୍କ ବାହନ କିଏସେ
କହିଲୁ ଦେଖିବା ମୋହନ ।
ମୋହନ କହଇ 'ଜାଣିନି ଏସବୁ
ପୁରାଣକଥା ମୁଁ ମାଆଗୋ
ଅନୁରୋଧ ଦିଅ ବତେଇ, ମନରେ
ରଖିବି କହିବ ଯାହା ଗୋ ।'
ଜେଜେମା କହିଲେ 'ବୃଷଭ ପିଠିରେ
ବସିଥାନ୍ତି ଭୋଳା ଶଙ୍କର
କାର୍ତିକ ଚଢ଼ି ମୟୁର ଡେଣାରେ
କାଟନ୍ତି ବସୁଧା ଚକ୍କର ।
ପବନନନ୍ଦନ ବୀର ହନୁମାନ
ଅଟନ୍ତି ବାହନ ରାମଙ୍କ
ବିଷ୍ଣୁଦେବ ବିଜେ ଗରୁଡ ପିଠିରେ
ରୂପରୁ ବାହାରେ ଚମକ ।
ଗଣେଶ ବାହନ ମୂଷା ବତେଇବୁ





ଯଦି କେବେ କିଏ ପଚାରେ
ମହାଲକ୍ଷ୍ମୀଙ୍କର ବାହନ ତାଙ୍କର
ଦିହଲଗା ଧୋବ ପେଚାରେ ।
ଦୂରୁଗା ବସନ୍ତି ସିଂହର ପିଠିରେ
ଦେଖିଥିବୁ ମେଢ଼ ବଜାରେ
ମାଆ ସର ତୀ ରାଜହଂସେ ବସି
ପାଆନ୍ତି ସବୁଠି ପୂଜାରେ ।
ଅଇରାବତରେ ଚଢ଼ି ଦେବରାଜ
ଆଷାଢ଼େ ଢ଼ାଳନ୍ତି ବରଷା
ଦିଅଁଙ୍କୁ କରିବୁ ଜୁହାର ବାବୁରେ
ବିପଦେ ସିଏ ଇ ଭରସା ।
॥


# କିଏ କେମିତି



ଟପ୍‌ଟପ୍ ଝରେ ବରଷା ଆଷାଢ଼ ହେଲାରୁ
ଥପ୍‌ଥପ୍ ଶିରା ବୋହିପଡେ ରସଗୋଲାରୁ ।

ଲକ୍‌ଲକ୍ ଶିମଲତା ମାଡିଯାଏ ଚାଳରେ
କକ୍‌କକ୍ କରେ କୁକୁଡା ପାହାନ୍ତି କାଳରେ ।

ଖିଲ୍‌ଖିଲ୍ ହସେ କୁନିପୁଅ ଦେଖି ଜହ୍ନକୁ
ଝିଲ୍‌ମିଲ୍ ଝୀନଶାଢ଼ୀ ପାଏ ନାନୀ ମନକୁ ।



କୁଲ୍‌କୁଲ୍ ସୁର ସରଜେ ପାହାଡୀ ନଈତ
ସୁଲ୍‌ସୁଲ୍ ବହେ ମଳୟ ଆସିଲେ ଚଇତ

ଫୁର୍‌ଫୁର୍ କପା ଉଡଇ ପବନ ସାଙ୍ଗରେ
ଥୁର୍‌ଥୁର୍ କଂପେ ବୁଢ଼ୀମା ଆସିଲେ ମାଘ ରେ ।


ଛଳ୍‌ଛଳ୍ କୁନି ନୟନ ବାପାଙ୍କ ଗାଳିରୁ
କଲ୍‌କଲ୍ ପାଣି ବୋହିଯାଏ ଦେଖ ନାଳିରୁ ।

ରୁଣ୍‌ଝୁଣ୍ ସୁରେ ନୂପୁର ତୋଳଇ ଲହର
ଗୁଣ୍‌ଗୁଣ୍ ଗୀତ ଗାଇ ଉଡିବୁଲେ ଭଅଁର ।
॥

# ଟୁପୁଟୁପୁ ମୁହିଁ ବରଷା



ଟୁପୁଟୁପୁ ମୁହିଁ ବରଷା
ଜୀବଜନ୍ତୁଙ୍କର ଭରସା
        ଶୁଖିଲା ମାଟି ମୋ ହାତର ଛୁଆଁରେ
        ହେଇଉଠେ ଭାରି ସରସା ।
ନିଦାଘ କଷଣ ନାଶେ ମୁଁ
ରଂଗ ଭରେ ଦୁବଘାସେ ମୁଁ
        ବିଜୁଳି ଚମକ ସାଥେ ନେଇ ଆସେ
        ଆଷାଢ଼ ଶ୍ରାବଣ ମାସେ ମୁଁ ।
ରୁଣୁଝୁଣୁ ତାନ ତୋଳିକି
ନାଚିଯାଏ ଭଳିଭଳିକି
        ଆସିଲେ ମୁଁ ଫୁଲ ଛନଛନ ହୋଇ
        ଡାଳରେ ଖେଳଇ ଦୋଳିକି ।
ନ ଆସିଲେ ତମେ କାତର
ଧୋଇଦିଏ ଗଛପତର
        କଦବା କେମିତି ଉପହାର ଦିଏ
        କୁନିକୁନି କୁଆପଥର ।




ମୟୂର ମେଲାଏ ପର ତା
ପାଇଲେ ମୋହର ବାରତା
        ପହିଗଲେ ମୁଁ ସାରୁବୁଦା ତଳୁ
        ବେଙ୍ଗୁଲୀ ଶୁଣାଏ  ର ତା ।
ପାଇ ମୋ ଶୀତଳ ପରଶ
କୃଷକ ହୁଅଇ ହରଷ
        କଦମ୍ବ କୁସୁମ ବାଟଜଗି ମୋର
        ବସିଥାଏ ସାରା ବରଷ ।
ଝିରି ଝିରି ମୋର ଧାରାରେ
ଫସଲ ଉପୁଜେ ଧରାରେ
        ମରୁଭୂଇଁ ହବ ସାରା ଏ ଜଗତ
        ନଥିଲେ ମୁଁ ଟାଣ ଖରାରେ ।
ଟୁପୁଟୁପୁ ମୁହିଁ ବରଷା
ସୁଦୂର ଆକାଶ ପରଶା
ରୂପରେ ଗୁଣରେ ମୋହିନିଏ ମନ
        ମୋ ବିନା ପୃଥିବୀ ନିରସା ।
॥

# ବର



ପାଲିଙ୍କି ଚଢ଼ିକି ରୋଷଣୀ ସଜାଇ ଆସୁଛି ବର
ହୁଳହୁଳି ନାଦେ ଉଛୁଳି ପଡଇ କନିଆ ଘର
ତେଲିଙ୍ଗି ବାଜାରେ ଦାଣ୍ଡ ଦୁଲୁକୁଛି, ଫୁଟୁଛି ବାଣ
ଝିଅକୁ ବେଇଗି ସଜବାଜ କରି ବେଦୀକୁ ଆଣ ।

ପୁରୁଣା କଥାଏ ରାଜାପୁଅ ଥିଲେ ସତ୍ୟବାନ
ଗହନ ବନରେ ସହସା ଦିନଟେ ତେଜିଲେ ପ୍ରାଣ
ସତୀ ସାବିତିରୀ ଯମରାଜାଙ୍କଠୁ ପାଇକି ବର
ଜୀଆଇଁଲେ ପତି ଫେରାଇ ଆଣିଲେ ଆପଣା ଘର ।



ଗାଆଁ ମୁଣ୍ଡେ ଯହିଁ କୂଳ ଉଛୁଳାଇ ବହୁଛି ନଈ
କୁଳୁକୁଳୁ ସୁରେ କେତେ ଯେ ଅବୁଝା କାହାଣୀ କହି
ଘାଟରେ ସେଇଠି ବୁଢ଼ା ବରଗଛ ହେଇଛି ଠିଆ
ଡାଳେ ଡାଳେ ତାର ଚଗଲା ଗୁଣ୍ଡୁଚି ମାରନ୍ତି ଡିଆଁ ।


ମାଳିନୀ ନଦୀର ଉପକୂଳେ ଦିନେ କଣ୍ୱମୁନି
କଅଁଳା ଶିଶୁର ଆକୁଳ କାନ୍ଦଣା ଉଠିଲେ ଶୁଣି
ଆଦରିଲେ ତାକୁ ମୁନିବର କଲେ ଗଳାରମାଳା
ତପୋବନେ ପାଳି ନାଆଁ ଦେଇଥିଲେ ଶକୁନ୍ତଳା

'ବର' ଶବଦର ଚାରୋଟି ଅରଥ କହିଲି ଦେଖ
ଏଇଭଳି ଉଦାହରଣ ପିଲାଏ ଭାବିକି ଲେଖ ।
॥

# ଉତ୍କଳ ଦିବସ



ଏପ୍ରିଲ୍ ମାସ ପହିଲା
ରାତି ପାହୁ ପାହୁ କୁନୁମୁନି ଯାଇ
ଜେଜେଙ୍କ କାନରେ କହିଲା
ବୁଦ୍ଧିଆ ବୋଲିକି ଭାଷଣ ଦେଉଛ
ବୁଲିବୁଲି ସଭାସମିତି
ଦେଖିବ ତମକୁ ଜେଜେବାପା ଆଜି
ବୋକା ବନେଇବି କେମିତି
ଏପ୍ରିଲ୍‌ଫୁଲ୍ କରିବି ତମକୁ
ସାଙ୍ଗସାଥି ମେଳେ ମିଶିକି
ଚକଚକ ଗୋରା ମୁହଁ ଯିବ ତମ
ଲାଜରେ କାଳିଆ ଦିଶିକି ।







ଜେଜେ କହିଥାନ୍ତି 'ଯାହା ତୁ କହୁଛୁ
ଇଏ ଯେ ବିଦେଶ ଚଳଣୀ
ଆମ ପାଇଁ କିଆଁ ଆଜିର ଦିନଟି
ମହତ ଦେଖିବା କହନି ?
ଜେଜେଙ୍କ କଥାକୁ ଭାଳେ ବସି କୁନି
ଉ ର ପାଏନି ଖୋଜିରେ ।
ଜେଜେ କହିଥାନ୍ତି 'ପ୍ରଦେଶ ଆମର
ଗଢା ହୋଇଥିଲା ଆଜିରେ
ଯେତେ ଯହିଁ ଅଛି ନଗର, ତାଲୁକା
ଗାଆଁ, ଘର, ଖେଳପଡିଆ
ଲେଖନ୍ତି, ପଢ଼ନ୍ତି, କହନ୍ତି ଯେଉଁଠି
ଲୋକମାନେ ଭାଷା ଓଡିଆ
ସେ ସବୁ ଇଲାକା ମିଶି ହୋଇଥିଲା
ଉତ୍କଳ ଆଜି ତିଆରି
ଆଖି ଲାଖିରହେ ଦେଖିଦେଲେ ଯାର
ବନ, ବିଲ, ଫୁଲ କିଆରୀ
ଜନମ ଦିନ ଏ ଓଡ଼ିଶାର ଆମ
ମନେରଖି କୁନି କଥାଟି
ନମନ କରିବୁ ଆପଣା ମାଟିକୁ
ଭୂଇଁରେ ଲଗାଇ ମଥାଟି ।
॥

# ଆଳୁ ବାଇଗଣ


ବିଲାତି ଆଳୁ ଓ ବାଇଗଣ ଦିନେ
ଲାଗିଲେ କଳି
ଆଳୁ କହେ 'କେଉଁ ଗୁଣରେ ନୁହଁ ତୁ
ମୋହରି ଭଳି ।
ଗୋଲ୍‌ଗାଲ୍ ଗୁଲୁଗୁଲିଆ ଅଟଇ
ମୁହଁଟି ମୋର
କଳ କୁଚ୍‌କୁଚ୍ ବଡ ଅବାଗିଆ
ଶରୀର ତୋର ।
ଚେହେରା ମୋହର ଧୋବଧାଉଳିଆ
ବହୁତ ସଫା
ମଞ୍ଜିରେ ଭରତି ଶରୀର ତୋ, ଶୁଣି
ହୁଅନା ଖଫା ।
ମାଟି ତଳେ ତଳେ ସପନ ବୁଣେ ମୁଁ





ଆରାମେ ଶୋଇ
ଖରା ଖାଇବାକୁ ଦିଅଁ ଦେଲେ ତତେ
ଉପରେ ଥୋଇ ।
ପିଆଜ ମସଲା ସାଥିରେ ମତେ କେ
କହିଲେ ଝୋଳ
ଅମାନିଆ ପିଲା ଭାତ ଖାଇଦେବ
ନକରି ଗୋଳ ।
ଆଳୁ କଥା ଶୁଣି ବାଇଗଣ କହେ

‘ସେତିକି ଥାଉ
ବହପ ଦେଖାଇ ବଡବଡ କଥା
କହନା ଆଉ
କେଡେକ ସୁନ୍ଦର ବାଇଗିଣୀ ରଂଗ
ଦେହରେ ବୋଳି
ନହକା ଡେମ୍ଫରେ ଝୁଲିଝୁଲି ମୁହିଁ
ଖେଳଇ ଦୋଳି ।
କିରଣ ହାତରେ ସକାଳ ସୂରୁଜ
କରଇ ଗେଲ
ଚିକଣଚାକଣ ଦେହରୁ ସତେ ବା
ବୋହୁଛି ତେଲ ।
ମାଟି ସଲବଲ ହେଇକି ଅନ୍ଧାରେ






କରୁ ତୁ ଘର
ବଇଦ ଦିଅଇ ବାଇଗଣ ପଥି
ହୋଇଲେ ଜର ।
ପଖାଳକଂସାକୁ ବାଇଗଣପୋଡା
ସୁଆଦ ସେ ଯେ
କଅଁଳ ଭାରି ମୁଁ ନିମିଷଟାକରେ
ନିଆଁରେ ସିଝେ ।

ସବୁ ଶୁଣି ଆଳୁ କହେ ଏ କଳିରୁ
ମିଳିବ କିବା
ସନ୍ତୁଳା ହେବାକୁ ଚା’ ଦିହେଁଯାକ
ମିଶିକି ଯିବା ।
॥

# ଅରୁଆ ଚାଉଳ କ୍ଷୀରୀକି



ଅରୁଆ ଚାଉଳ କ୍ଷୀରୀକି
ଧୋବ ଫରଫର ମଂଖମଲୀ ଡେଣା
ରାତିର ସପନ ପରୀକି ।
ଧଳାଲୁଗା କଳା ଦିହକୁ
ତୁଳସୀ, ଦୟଣା, ବକୁଳ ଗଜରା
ବଡ ଦେଉଳର ଦିଅଁଙ୍କୁ ।
ଚଉଡା ପଣତ ଶାଢ଼ୀକି
ସଜ ଛନଛନ କଅଁଳ ସବୁଜ
କାକୁଡି ବାଉଁଶ ଭାଡିକି ।
କଳା ଦାଗ ତୋରା ଜହ୍ନକୁ
ନାଲି ଟହଟହ ପଳାଶ କୁସୁମ
ଫଗୁଣର ଫୁଲବନକୁ
ଲେଉଟିଆ ଶାଗ ବାରିକି
ରାମନାମ ହରିନାମ କୀରିତନ
ପଞ୍ଜୁରୀ ଭିତର ଶାରୀକି ।




ଧାନୀଲଙ୍କା ବିରିବରାକୁ
ବହଳ କନାର ବେ ଲଗା ଛତା
ବଇଶାଖ ମାସ ଖରାକୁ ।
ଧାନଗଛ ପଟୁମାଟିକି
ଦାଉଦାଉ ରଡ ନିଆଁର ଡହକ
କମାର ଶାଳର ଭାଟିକି ।
କାଶବଣ ନଈପଠାକୁ
କଳା ମଚମଚ କୁମ୍ଭପକା ଧଡି
ସମ୍ବଲପୁରିଆ ମଠାକୁ ।
ଥିରି ଥିରି ଢେଉ ନଈକି
ମାଟିଆ କାଗଜ ସୁତୁରା ମଲାଟ
ନୂଆ କିଣା ପାଠ ବହିକି ।
ଶକତ ଓହଳ ବରକୁ
ତାଜା ଛନଛନ ଲାଉଡଙ୍କଲଟା
ଚାଳ ଛପରର ଘରକୁ ।
॥

# ସାଗର ତୀରେ



ସାଗର ତୀରେ
ନୋଳିଆ ପୁଅର ହାଲୁକା ନଉକା
ଆହୁଲା ସାଥିରେ ଲହରୀ ଚିରେ
ସାଇଁ ସାଇଁ ବହେ ପବନ ଛୁଇଁକି
ଆଖି ଅପହୁ  ନେଳିଆ ପାଣି
ଢେ଼ଉପରେ ଢେ଼ଉ କୁହାଟ ଛାଡଇ
ଛନକା ପଶଇ ଶୁଣି ସେ ବାଣୀ ।
ଦୂରେ ବହୁଦୂରେ ମୁକୁଳା ଆକାଶ
ନଇଁକି ଯେଉଁଠି ପାଣିରେ ମିଶେ
ଭାସିଯାଉଥିବା ଜାହାଜ ଯୋଡିକ
ଜଳପରୀ ପରି ଦୂରରୁ ଦିଶେ ।







ଡୁବନ୍ତା ସୂରୁଜ ସୁନେଲୀ କିରଣ
ଝଲସି ଉଠଇ ପାଣିରେ ପଡି
ଲାଗେ ଝିକିମିକି ତାରା ଫୁଲ ତକ
ସତେବା ଆକାଶୁ ପଡିଛି ଝଡ଼ି ।
ଶିଶୁ କେ ତିଆରେ ପାଦରେ ଥାପିକି
ବାଲିର ମହଲ, ବାଲିର ଘର
ଓଦା ବାଲୁକାରେ ମୂରତି ଗଢ଼ଇ
କମକୂଟ କରି କେ କାରୀଗର ।
ବାଲୁତ କିଏ ବା ବାଲିରେ ଦଉଡି
ଅଁିରେ ପୂରାଏ ଶାମୁକା ଶଙ୍ଖ
ଲାଗଇ ଆହା ଏ ସରଜନା କେଡେ
ବିରାଟ ଅଟଇ ଭଗବାନ ।
॥

# ଆମ ଗାଁ


ସିନ୍ଦୁରୀ ଆମ୍ବର ତୋଟା
ଆମରି ଗାଆଁର ପୋଖରୀ ହୁଡ଼ାରେ
ସଜୁବୁଦା ମୂଳେ ନେଉଳ ଖେଳଇ
ତରକା, ମାଟିଆ ମୋଟା ।
ଖଳାରେ ବୁଲାଇ ବେଙ୍ଗଳା, ହୁଅଇ
ଅମଳ ସୋରିଷ, ବୁଟ
ରଂଗଲୁଗା ପିନ୍ଧା ଝିଅବୋହୂ ମେଳେ
ଗହଗହ ନଈ ତୁଠ ।
ହିଡରେ ଖେଳଇ ଲାଜକୁଳୀ ଲତା
ବାରିପଟେ ଗିଲବଣ
ସୁତୁରା ନେଳିଆ ଆକାଶେ ଉଠଇ
ଥାଳୀପଟା ପରି ଜହ୍ନ ।
ରାଧାମାଧବଙ୍କ ଦେଉଳ ବେଢ଼ାରେ
ମଧୁମାଳତୀର ବାସ
ଶରତ ଋତୁରେ ଚାମର ଦୋଳାଏ
ପଠାରେ ଧୋବଲା କାଶ ।
କିଆରୀ ଝଟକେ ସୁନେଲୀ ଧାନରେ
ଫୁଙ୍ଗୁଳା ଦେହରେ ଚଷା
ଫସଲ କାଟଇ, ଝୋଟି ଲେଖାହୁଏ
ଆସିଗଲେ ମାଣବସା ।
ନାକର ନୁଡୁକ ଝିକିମିକି କରେ






ନୂଆବୋହୂ ତୋଳେ ଜହ୍ନି
ତେନ୍ତୁଳିଗଛରେ ହନୁ ଖେଳୁଥାଏ
ଛପର ଚାଳରେ ବଣି ।
ଶାଳ ବୁଲୁଥାଏ, ମାଠିଆ ଉପୁଚି
ନିଗିଡେ ଦୋରୁଅ ଧାର
ଜଉତିଷ ବସି ଜାତକ ଲେଖନ୍ତି
ଖଡିରେ ପକାଇ ଗାର ।
ସଳିତା ଲିଭଇ ଚଉରା ମୂଳରେ
ଧୂଆଁ ଉଠେ ଥରି ଥରି
ପାଲାକାର କେବା ସୁର କରିଗାଏ
'ପତିତପାବନ ହରି' ।
ଗେରୁମାଟି ଆଉ ତୁଳସୀ ବଣରେ
ମହମହ ଆମ ଗାଆଁ
ମନ ପରଦାରେ ଛପିକି ରହିଛି
ମଧୁମୟ ତାର ନାଆଁ ।
॥

# ଅନାବନା ଗୀତ



ଉଡିଗଲେ ଗେଣ୍ଡାଳିଆ ଝାଡିଦେଲେ ପକ୍ଷୀ
ଖାଇବାକୁ ମଣ୍ଡାପିଠା କୁନି ଆସି ଛନ୍ତି ।
ମଣ୍ଡାପିଠା ଗୁଡପାଗ ମହମହ ବାସେ
ଗୁଡରନ୍ଧା ଆଖୁଶାଳେ ବଇଶାଖ ମାସେ ।
ବଇଶାଖେ ଡହଡହ ତାତି ଉଠେ ଧରା
ଧରାହୁଏ ଶ୍ୟାମ ପାଇ ଆଷାଢ଼ର ଧାରା ।
ଆଷାଢ଼ରେ ଟୋପି ଟୋପି ବରଷଇ ପାଣି
ପାଣିପିଇ ଗଛଡାଳେ ନାଚେ ଫୁଲରାଣୀ ।
ଫୁଲରାଣୀ ପାଖୁଡାରେ ଥପଥପ ମହୁ
ମହୁଲୋଭେ ଏକଜୁଟ ପ୍ରଜାପତି ବହୁ ।
ପ୍ରଜାପତି ଛିଟଡେଣା ବାଇଗଣୀ, ନାଲି



ନାଲି ଦିଶେ ସାଧବାଣୀ ଧୀର ତାର ଚାଲି ।
ସାଧବାଣୀ ବନ୍ଦାପନା ବୋଇତକୁ କଲା
ବୋଇତଟି ଭାସିଭାସି ଜମ୍ବୁଦ୍ୱୀପ ଗଲା
ଜମ୍ବୁଦ୍ୱୀପ ଚଉଦିଗେ ଅଥଳ ସାଗର
ସାଗରର କୂଳେ କୂଳେ ଶୋଭଇ ନଗର
ନଗରର ଉଆସରେ ରାଜାଙ୍କର ବାସ
ରାଜାଝିଅ ବଗିଚାରେ ମଲ୍ଲିଡାଳେ ବାସ
ମଲ୍ଲିଫୁଲ ନିଦଭାଙ୍ଗେ ହୁଏ ଯେବେ ଭୋର
ଉଡିଗଲେ ଗେଣ୍ଡାଳିଆ ଝାଡିଦେଲେ ପର ।
॥

# କାହ୍ନୁପାଇଁ ଗୀତ



ଆ' ଜହ୍ନମାମୁଁ ସରଗଶଶୀ
କହ୍ନେଇ ହାତରେ ପଅଡଖସି
କହ୍ନେଇ ପାଦରେ ବାଜେଣିବଳା
ବଳାରେ ଘୁଙ୍ଗୁର ଶବଦ କଲା ।
ଶବଦ ଶୁଭିଲା ମାଆଙ୍କୁ ଯାଇ
ମାଆ ଦେଲେ ସଜ କଜଳ ନାଇ
କଜଳେ ଝଟକେ କାହ୍ନୁର ଆଖି
ସେ ଆଖିରେ ଯାଏ ନଜର ଲାଖି ।



ଆ' ଜହ୍ନମାମୁଁ ସରଗ ଶଶୀ
କହ୍ନେଇ ହାତରେ ପଅଡ ଖସି
କହ୍ନେଇ ମଥାରେ ଚନ୍ଦନ ଠୋପା
ଚନ୍ଦନଠୋପାରେ ମୁହଁଟି ତୋଫା
ମୁହଁ ନୁହେଁ ସେ ଯେ ପଦୁଅଁଫୁଲ
ପଦୁଅଁ ଫୁଲରେ ଭଅଁର ଠୁଳ
ଭଅଁର ଡେଣାରେ କାଳିଆ ଛିଟ
ଛିଟ ଦେଖି କାହ୍ନୁ ଗାଅଇ ଗୀତ ।

ଆ' ଜହ୍ନମାମୁଁ ସରଗଶଶୀ
କହ୍ନେଇ ହାତରେ ପଅଡ ଖସି
କହ୍ନେଇ ବେକରେ କନକକଣ୍ଠି
କଣ୍ଠିରେ ମୁକୁତା ପଡିଛି ଗଣ୍ଠି
ମୁକୁତା ନୁହେଁ ସେ ପାହାନ୍ତି ତରା
ତରା ଲିଭିଯାଏ ଆସିଲେ ଖରା
ଖରା ମା ସିଲଟ ଶୁଖେଇ ଦେଏ
ସିଲଟରେ ପାଠ ଲେଖେଇ ଦେଏ
ପାଠ ପଢୁଥିବ କହ୍ନେଇ ବସି
ଆ' ଜହ୍ନମାମୁଁ ସରଗ ଶଶୀ ।
॥



# ଅକଲ ମକଲ ଟକଲ ଟିଆଁ



ଅକଲ ମକଲ ଟକଲ ଟିଆଁ
ବଣରେ ଫୁଟଇ କେତକୀ, କିଆ
କିଆଫୁଲ ପରି ବାସିବି
ଶୀତଳ ପବନ ମହକାଇ ଦେଇ
ଟହଟହ ହେଇ ହସିବି ।

ଅକଲ ମକଲ ଟକଲ ଟିଆଁ
କରଞ୍ଜ କଇଁଥ ବଣରେ ଠିଆ
ହାଣିବିନି ତାଙ୍କ ଡାଳକୁ
ଗଛ କଟିଗଲେ ମରୁଭୂଇଁ ହବ
ଚଉଦିଗ ଚିର କାଳକୁ ।
ଅକଲମକଲ ଟକଲ ଟିଆଁ



ଜିରାଫ ହେଉ ସେ ହେଉ ବା ଜିଆ
ସଭିଏଁ ଦିଅଁଙ୍କ ତିଆରି
ବସୁଧା ବୁକୁରେ ବସତିପାଇଁକି
ହାନି କରିବିନି କାହାରି ।

ଅକଲମକଲ ଟକଲ ଟିଆଁ
କୁହୁକେଇବିନି କଳିର ନିଆଁ
ବାଁ ବି ଶରଧା ସଭିଙ୍କି
ଚିରଦିନ ଲୋକେ ମନେ କରୁଥିବେ
ପରୋପକାରୀ ମୋ ଛବିକି ।
॥

# ଖେଳିବା ଦୋଳି



ଆସରେ ଆସ ସାଙ୍ଗ ମେଳି, ମିଳି
ଆସରେ ଆସ ଖେଳିବା ଦୋଳି
ସଭିଏଁ ଆଜି ମିଳି ।
ଗିରୀଷମର ଗରମ ଗଲା
ଆଷାଢ଼ ଗଲା ଆସି
ନେଳିଆ ନଭେ ବଉଦ ଭେଳା
ପବନେ ଯାଏ ଭାସି ।
ବରଷା ଋତୁ, ଟୁପୁରୁଟୁପୁ
ନିଗିଡିଯାଏ ପାଣି
ଧୂସର ଜମି ସଜାଏ କେବା
ସବୁଜ ରଂଗ ଆଣି ।
ଏତକିବେଳେ ପହ୍‌ ଅଛି
ପରବ ଆମ ରଜ
ଖେଳିବା ଦୋଳି ଗାଇବା ଗୀତ
ବେଇଗି ହୁଅ ସଜ ।
ପହିଲିରଜ ଦେଇଛି ଦେଖା
ବରଷକରେ ଥରେ
ପୋଡପିଠାର ମଧୁରବାସ
ସବୁରି ଘରେ ଘରେ
ପାଦରେ ଲେଖି ଅଳତା ଗାର
ମଥାରେ ଘେନି ଟୀକା
ଖାଇବା ପିଠା, ଖେଳିବା ଦୋଳି
ହେଲାଣି ଖରା ଫିକା ।
ପିଢ଼ାରେ ବସି ଝୁଲିଝୁଲିକା
ଗାଇବା ରଜଗୀତ
ଆସ ଗୋ ଆସ ବଉଳ ଆସ
ଆସ ଗୋ ଆସ ମିତ ।
॥




# ତରାଟ କହିଲା ଟଗର




ତରାଟ କହିଲା ଟଗର
ଚା' ଆଜି ଧୋବ ପାଖୁଡ଼ା ମେଲାଇ
ସାଜିଦବା ସାରା ନଗର ।

ମନ୍ଦାର କହିଲା ମାଳତୀ
ଚା' ଆଜି ହବା ମାଳି ହାତଗୁନ୍ଥା
ରୁଚିର ଗଜରା ମାଳଟି ।

ଚଂପକ କହିଲା ମଲ୍ଲିକା
ଚା' ଆଜି ଦିହେଁ ଶାଖାରେ ଶାଖାରେ
ଛାଇଦବା ନବ କଳିକା ।





ପଦୁଅଁ କହିଲା କଇଁକି
ଚା' ଆଜି ଫୁଟି ପାଣି ଦରପଣେ
ମୁହଁକୁ ଦେଖିବା ନଇଁକି ।

ସେବତୀ କହିଲା ଜିନିଆ
ପରଷ ଆସୁଛି, ରଂଗର ଫୁଆରା
ବେଇଗି ସାଥିରେ ଘିନିଆ ।

ଫୁଲ ଫୁଟେ ଭଳିଭଳିକା
ଫୁଲ ପରି ଚାଲ ଜୀବନକାଟିବା
ବାସ ଆମ ଢ଼ାଳିଢ଼ାଳିକା ।
॥


# ଙ୍କ ଙ୍ଖ ଙ୍ଗ ଙ୍ଘ



ରଙ୍କନିଧିବାବୁ ବଙ୍କୁ ସହ ଗଲେ ବଜାର
ସାଥିରେ ନେଲେ ସେ ଟଙ୍କା ଗଣି ଦୁଇ ହଜାର
ସିଧା ବାଟ ଛାଡି ଆଦରିଲେ ବଙ୍କା ବାଟକୁ
ପଙ୍କରେ ବୁଡିଲା ପାଦ ଦେଖ ତାଙ୍କ ନାଟକୁ ।

ସଙ୍ଖୁଡି ବାସନ କାହିଁକି ରଖିଚ ପକେଇ
ଶଙ୍ଖ ଫୁଙ୍କୁଛନ୍ତି ସଜୋରେ ମଝିଆଁ କକେଇ
ତାଳପତରର ପଙ୍ଖାଟିଏ ଆଣ କିଣିକି
ନାଲିଆ ଶଙ୍ଖାଟି ଭାରି ମାନେ ଆମ ମିନିକି ।


କାଚର ଗିଲାସ ଭାଙ୍ଗିଦେଲା ସାଙ୍ଗ ମୋହର



ସଙ୍ଗୀତ ଶିଖିବି ଯାଇକି ମୁଁ ବଡ ସହର
ପା  ଆଙ୍ଗୁଳିରେ କରୁ ଆମେ କେତେ କାମକୁ
ନାଲିରଙ୍ଗ ଫୁଲ ତୋଳିବାକୁ କହ ଶ୍ୟାମକୁ ।

ଜାତିସଂଘ କଥା ବୁଝାଇଲେ ମତେ ସଙ୍ଗାତ
ପିଣ୍ଡାରୁ ପଡିଲି, ଜଙ୍ଘରେ ଲାଗିଲା ଆଘାତ
ନାଲି ଜଙ୍ଘି ପାଇଁ କୁନୁମୁନି ନିତି କହଇ
ପାହାଡ ଲଙ୍ଘିବା କାମ ସେ ସହଜ ନୁହଁଇ ।
॥


# ଶୁଣରେ ଭାଇ



ଶୁଣରେ ଭାଇ
ମିଛକଥା ଜମା କହିବ ନାହିଁ
କିସ ଲାଭ ମିଛ କହିଲେ
ସତ କହୁଥିଲେ ସୁଜନ ବୋଲିକି
ଲୋକେ ଡାକୁଥିବେ ପହିଲେ ।

ଶୁଣରେ ଭାଇ
ସୁର କରି ସଂଜେ ଭଜନ ଗାଇ
ସାଧୁକଥାଟିଏ ପଢ଼ିବ
କଳି ତକରାଳ ଭୁଲିଯାଇ, ଭଙ୍ଗା
ଘରକୁ ସେନେହେ ଯୋଡିବ ।


ଶୁଣରେ ଭାଇ
ସଂପଦ ପଛରେ ହବନି ବାଇ
ରଖିବନି ଲୋଭ ମନରେ
ସମୟ ପାଇଲେ ସେବା କରୁଥିବ
ପିତାମାତା ଗୁରୁଜନରେ ।




ଶୁଣରେ ଭାଇ
ପରଦରବକୁ ଦବନି ଚାହିଁ
ଆଜି କାମ ଆଜି କରିବ
ଦରକାର ବେଳେ ଦାନା ମୁଠେ ଦେଇ
ଦୁଃଖୀରଙ୍କ ପେଟ ଭରିବ ।

ଶୁଣରେ ଭାଇ
ଜଗତନାଥଙ୍କୁ ନିରତେ ଧ୍ୟାୟି
କଷଣ ଆସିଲେ ସହିବ
ବଇରୀ ଭାବକୁ ପାଶୋରି ମଧୁର
ବିନୀତ ବଚନ କହିବ ।
॥

# ଘୋଡା ନେ', ହାତୀ ନେ'




ଘୋଡା ନେ', ହାତୀ ନେ'
ପାଟ ଶାଢ଼ୀ, ଛତି ନେ'
ମୋ ପେଏଁକାଳି ବଜେଇ ଦେ ।
ମୋ ପେଏଁକାଳି ରଙ୍ଗ୍‌ରଙ୍ଗିଆ
ତହିଁରେ ସୁର ଚଙ୍ଗ୍‌ଚଙ୍ଗିଆ
ସୁରରେ ତାକୁ ମଜେଇ ଦେ ।
ସୁନା ନେ', ରୂପା ନେ'
ଝରିଲଗା ଝୁମ୍ପା ନେ'
ମୋ ଘରଟି ସଜେଇ ଦେ ।



ମୋ ଘରଟି ଚକ୍‌ଚକିଆ
ବାଡରେ ଲତା ଲକ୍‌ଲକିଆ
ଲତାକୁ ଟିକେ ଭିଜେଇ ଦେ ।
ପିଠା ନେ, ପଣା ନେ
ଗୁଡ ପାଗ ଚଣା ନେ
ମୋ କଣ୍ଢେଇ ନଚେଇ ଦେ ।
ମୋ କଣ୍ଢେଇ ଗୁଲ୍‌ଗୁଲିଆ
ପୋଷାକ ପିନ୍ଧେ ଝିଲ୍‌ମିଲିଆ
ପୋଷାକେ ଫୁଲ ଖଞ୍ଜେଇ ଦେ ।
॥

# ଝୁଲ୍ ହାତୀ ଝୁଲ୍‌ରେ




ଝୁଲ୍ ହାତୀ ଝୁଲ୍‌ରେ
କିଆ କନ୍ଦା ଖାଇ ଫୁଲ୍‌ରେ ।

ହାତୀ ଝୁଲୁଥାଏ ରଜା ବଗିଚାରେ
ଖାଇବାକୁ କିଆ କନ୍ଦା
କ୍ଷୀର କଳେ କାହ୍ନୁ ଖାଇବ ବୋଲିକି
ପାଟଗାଇଟିଏ ବନ୍ଧା ।
ହାତୀ ଚାଲୁଥାଏ ଘନ ବନସ୍ତରେ
ବଡ ବଡ ତାର ଖୋଜ
କହ୍ନେଇ ଚାଲଇ ଠୁକୁରୁ ଠୁକୁରୁ
ଧରିକି ଚଉକି ମେଜ ।



ହାତୀ ଦୁଇ ଆଖି ମିଞ୍ଜି ମିଞ୍ଜିକିଆ
କୁନି କୁନି ତାର ଡୋଳା
କାହ୍ନୁ ଦୁଇ ଆଖି ସଜ କଇଁ ଫୁଲ
ନୀଳ ରଂଗ ଯହିଁ ବୋଳା ।
ମୂନିଆ ଯୋଡିଏ ଦାନ୍ତ କେ ଦେଇଛି
ହାତୀର ମୁହଁରେ ଖଞ୍ଜି
ଧୋବ ଫରଫର କାହ୍ନୁ ଦୁଧଦାନ୍ତ
ସତେ ବା ଡାଳିମ୍ବ ମଞ୍ଜି ।
ହାତୀର ଦେହଟି କଳା କିଟି କିଟି
ରାତି ସଙ୍ଗେ ଯାଏ ମିଶି
କାହ୍ନୁ ଦେହ ସଜ ଲହୁଣୀ ସରିକା
ଜହ୍ନ ପରି ଯାଏ ଦିଶି ।
॥


# ଛୁଟିଦିନ





ରବିବାର ଆଜି ପାଠଶାଳା ହେଲା ଛୁଟି ରେ
ଭାଇ ଓ ଭଉଣୀ ଏକସାଥେ ଆଜି ଜୁଟି ରେ
ସାରିଦେବା ଚାଲ ବାକି ପଡିଥିବା କାମକୁ
ଡାକିଦିଅ ବେଗି କୁନି, ମୁନି ଆଉ ଶ୍ୟାମକୁ ।

ଯେଉଁ ବହି ବାପା ଆଣିଥିଲେ ଯାଇ ବଜାର
ପଢ଼ିବା ତହିଁରୁ ବାଛି ବାଛି ଗପ ମଜାର
ଚାଲ ଧରି ଆଜି ରଙ୍ଗତୂଳୀ ଛବି ଆଙ୍କିବା
ମନରୁ ଫାନ୍ଦିକି କବିତା, କାହାଣୀ ଲେଖିବା ।





ଖଞ୍ଜିବା ନୂତନ ମଲାଟ ପୁରୁଣା ବହିରେ
ଚାରାଗଛ ରୋପି ପାଣି ଢାଳିଦେବା ତହିଁରେ
ଦେଖିବା କେମିତି ମହୁମାଛି ମେଲି ଡେଣାକୁ
ଫୁଲରୁ ଶୋଷାଡି ମହୁ ଫେରେ ତାର ଫେଣାକୁ ।

ପଢ଼ାଘର ଚାଲ ଭଲ କରି ଦେବା ଓଳେଇ
ଶିଖାଇବା ପାଠ କୁନି ଭାଇଟିକୁ କୋଳେଇ
ସଫା କରିଦେବା ଘର ସାମ୍ନାର ରାସ୍ତା
ଖୁଆଇବେ ଜେଜେ ତାହେଲେ କଚୁଡି ଖାସ୍ତା ।
॥

সাংপ্রতিক ଶିଶୁସାହିତ୍ୟ କ୍ଷେତ୍ରରେ, **କାନନ ମିଶ୍ର** ଏକ ଜଣାଶୁଣା ନାଁ । ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ପିଲାମାନଙ୍କ ମନଲାଖି କବିତା ଲେଖନ୍ତି ନିଷ୍ଠାର ସହିତ । ତାଙ୍କ ସୃଜନଶୀଳତାର ପରିଚୟ ମିଳେ ତାଙ୍କର ଛନ୍ଦ ଓ ଉପଧାମିଳନର ଦକ୍ଷତାରେ । ଶିଶୁ କବିତା ବ୍ୟତୀତ, ତାଙ୍କ ଦ୍ୱାରା ଲିଖିତ ଗଳ୍ପ, କବିତା, ଫିଚର ଓ ସ୍ମୃତିଲେଖାରେ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ ।



| | | |
|---|---|---|
| ଜନ୍ମସ୍ଥାନ | : | କଟକ |
| ପିତା | : | ୰ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ |
| ମାତା | : | ୰ ଶ୍ରୀମତୀ ସୁରେଖା ତ୍ରିପାଠୀ |
| ଶିକ୍ଷା | : | ଏମ୍.ଏ. (ଇଂରାଜୀ), ଏମ୍.ଏ. (ଓଡ଼ିଆ), ଏମ୍.ଲିଟ୍ (ତୁଳନାତ୍ମକ ସାହିତ୍ୟ) କୋବିଦ (ହିନ୍ଦୀ) |
| ପୁରସ୍କାର | : | ଓଡ଼ିଶା ସାହିତ୍ୟ ଏକାଡେମୀ, ପ୍ରଜାତନ୍ତ୍ର ପ୍ରଚାର ସମିତି, ଫକୀର ମୋହନ ସାହିତ୍ୟ ପରିଷଦ, ଭୁବନେଶ୍ୱର ପୁସ୍ତକ ମେଳା, ଭୁବନେଶ୍ୱର ସାମ୍ବାଦିକ ୟୁନିୟନ ଏବଂ ବିଶ୍ୱନାଥ ମାଣିକ ସ୍ମୃତିନ୍ୟାସ ଦ୍ୱାରା ପୁରସ୍କୃତା ।<br>ଏତଦ୍ ବ୍ୟତୀତ ସୁଧନ୍ୟା, ଆଗାମୀ ଶତାବ୍ଦୀ, ପ୍ରତିଭାସିକ୍ତ, ଝୁମୁକା, ସାହାଣମେଳା, ସକାଳ ପତ୍ରିକା ଏବଂ ଧ୍ୱନି ପ୍ରତିଧ୍ୱନି ସଂବାଦ ପତ୍ର ଦ୍ୱାରା ସମ୍ମାନିତା / ପୁରସ୍କୃତା । |

ରଚନାବଳୀ :

| | | |
|---|---|---|
| **ଶିଶୁ କବିତା** | : | r ହୀରା ମୋତି ମାଣିକ r ଟୁପୁରୁ ଟୁପୁରୁ ବରଷେ ପାଣି r କାଗଜ ଡଙ୍ଗା r କାଇଁଚମାଳି r ଫୁଲବନ r ମନମଉଜ |
| **କବିତା** | : | r ତୀର୍ଥ r ନବସାକ୍ଷରଙ୍କ ପାଇଁ କବିତା |
| **ଗଳ୍ପ** | : | r ବହି ମେଳାରୁ ବୟଫ୍ରେଣ୍ଡ୍ ପର୍ଯ୍ୟନ୍ତ r ଅଧାଲେଖା ଦସ୍ତାବିଜ୍ r ମିଶ୍ରସ୍ୱାଦ r ଆଖ୍ୟାନ |
| **ଫିଚର** | : | r ଗପସପ r ଭିନ୍ନସ୍ୱର |
| **ଅନୁବାଦ** | : | r ସୂର୍ଯ୍ୟମୁଖୀର ସ୍ୱପ୍ନ (ଆସାମୀଜ୍ ଭାଷାରୁ ଅନୁଦିତ ଓଡ଼ିଆ ଉପନ୍ୟାସ) |
| **ସମାଲୋଚନା** | : | r ଓଡ଼ିଆ ପଦ୍ୟ ମହାକାବ୍ୟର କ୍ରମବିକାଶ । |
| **ଇଂରାଜୀ ରଚନା** | : | r A Tryst with Life - (A collection of features) |